ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA

ଜିତିବେନି ବୋଲି ଦେଲେନି

କାହିଁକି ସ୍ପଷ୍ଟୀକରଣ ଦେଲେ ନବୀନ

ସପ୍ତଗିରିଙ୍କ ବନ୍ଧୁ ଆଦାନୀ !

ବବି ଫାଷ୍ଟ ଚଏସ୍

ଅରୁଣଙ୍କ 'ପୀଡ଼ା'


ବିଜୟ୍ ମହାପାତ୍ରଙ୍କ ସାକ୍ଷାତକାର

ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-11 02 FEBRUARY- 08 FEBRUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୧ ୦୨ ଫେବୃଆରୀ - ୦୮ ଫେବୃଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର



ଗର୍ବିତ ଓଡ଼ିଆ




# ବୈଧାନିକ ସତର୍କତା ଗୁଟ୍‌ଖା ସରକାରଙ୍କ ପାଇଁ ଲାଭଦାୟକ

ଦେଶରେ ଗୁଟଖା ବଜାର ୫୦ ହଜାର କୋଟି ଟଙ୍କା ଟପିଲାଣି । ଓଡ଼ିଶା ସରକାର ବର୍ଷକୁ ହଜାରେ କୋଟିର ଟିକସ ବି ଆଦାୟ କରୁଛନ୍ତି । ତମାଖୁ ଉପରେ ବ୍ୟାନ୍ ଲଗାଇଲେ କମ୍ପାନୀମାନଙ୍କ ବେପାର ବନ୍ଦ ହୋଇଗଲା । ତହୁଁ କମ୍ପାନୀ ବାଲାଙ୍କ ଚେଲା ଚାମୁଣ୍ଡା ବଡ଼ ବାବୁଙ୍କ ଦୁଆରେ ଅଧିଆ ପଡ଼ି ମୋଟା ବଣ୍ଡଲ ଧରାଇଦେଇ ଏତକ ସ୍ପଷ୍ଟୀକରଣ ଆଦାୟ କଲେ ବୋଲି ଖଟିରେ ଚର୍ଚ୍ଚା ହେଉଛି ।

ଗୁଟ୍‌ଖା ଜରି ହେଉକି ସିଗାରେଟ୍ ଖୋଳ, ସେଥିରେ ଲେଖା ହୋଇଥାଏ; ବୈଧାନିକ ସତର୍କତା : ତମାଖୁ ସେବନ ସ୍ୱାସ୍ଥ୍ୟ ପ୍ରତି ହାନିକାରକ । ସେଇଟା ସତ, ଦ୍ୱିରୁକ୍ତି ନାହିଁ । ହେଲେ 'ଗୁଟଖା ସରକାରଙ୍କ ପାଇଁ ଲାଭଦାୟକ'। ଏଇଟା ସତ, କିନ୍ତୁ ସେଥିରେ ଲେଖାଯାଉନି । ତା ନହୋଇଥିଲେ ଗୁଟଖା ଲବି ଆଗରେ ସରକାର ଆଣ୍ଠେଇ ଯାଇନଥା'ନ୍ତେ । ସାମାଜିକ ଗଣମାଧ୍ୟମ ଖୋଲିଦେଲେ ଲୋକେ ସରକାରଙ୍କ ଆଡ଼କୁ ଆଙ୍ଗୁଳି ଉଠାଇ ଏମିତି ହିଁ କହୁଛନ୍ତି ।

କହିବେନି କେମିତି ? ନିକଟରେ ସରକାର କହିଲେ ଗୁଟଖା ବ୍ୟାନ୍ । ସାଙ୍ଗେସାଙ୍ଗେ ଚହଳ ପଡ଼ିଗଲା । ଗୁଟଖା ଖିଆ ଲୋକଠୁ ନେଇ ଗୁଟଖା ଦୋକାନୀ ଯାଏଁ ସମସ୍ତେ ଚିନ୍ତାରେ ପଡ଼ିଗଲେ । ଗୁଟଖା ଖିଆଳୀ ଭାବିଲେ, ପାଟିରେ ଗୁଟଖା ପକାଇ ପାକୁଳି ନକଲେ ମଗଜର ସ୍କ୍ରୁ ଟିକେ ଢିଲା ଢିଲା ଲାଗିବ । ଗୁଟଖା ଦୋକାନୀ ତ ଡେଲି ଆଠ ଦଶ ପ୍ୟାକେଟ ବିକି ଘର ଚଳାଏ । କାହିଁକିନା ଲାଭ ଶହେରେ ତିରିଶ । ସାଙ୍ଗେସାଙ୍ଗେ ଷ୍ଟକ୍ ରଖିଥିବା ବଡ଼ ବେପାରୀ ପ୍ୟାକେଟ୍ ଦର ବଢ଼ାଇ ଦେଲେ। ସେପଟେ ବ୍ଲାକରେ ଗୁଟଖା କିଣିବା ପକେଟକୁ ଭାରି ବାଧିଲା । ଅନେକ ଦିନକୁ ଯେତିକି ଖାଉଥିଲେ ଅଧା କମାଇଦେଲେ । ଗେରୁଆ ପିଲାଏ, କହିଲେ, ଦେଖ ଆମ ମୁଖ୍ୟମନ୍ତ୍ରୀ ଗୁଟଖା ବନ୍ଦ କରିଦେଲେ । କାଲି ମଦ ବି ବନ୍ଦ କରିଦେବେ । ମୋହନ ବାବୁଙ୍କୁ ପ୍ରଶଂସାରେ ପୋତି ପକାଇଦେଲେ । ଘରଣୀମାନେ ବି ଭାରି ଖୁସି, କାହିଁକିନା ଆଉ ତାଙ୍କ ମିଷ୍ଟର ଦିନରାତି ଘରେ ବାହାରେ ବେଶୀ ପାକୁଳି କରିବେନି ।

ହେଲେ ଆଜ୍ଞା, ଚାରି ପାଞ୍ଚ ଦିନ ଯାଇନି, ସରକାର ସ୍ପଷ୍ଟୀକରଣ ଦେଇ କହିଲେ ପାନମସଲା ବିକ୍ରି କରିହେବ। ଧରପଗଡ଼ ହେବନି । କେବଳ ତମାଖୁ ହିଁ ଧରପଗଡ଼ ହେବ । ଆପଣ ଭାବୁଥିବେ ସରକାର କ'ଣ ଭୁଲ କହିଲେଯେ ? କଡ଼ା ସିନା ଧରାହେବ, ସାଦା କାହିଁକି ? ହେଲେ ଆମର ପ୍ରଶ୍ନ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲା କିଏ ? ଗୁଟଖା ଖିଆ ସଂଘ ନା ଗୁଟଖା ଦୋକାନୀ ସଂଘ ନା ଗୁଟଖା ମାଲିକ ସଂଘ ? ସରକାରଙ୍କୁ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା କ'ଣ ଥିଲା ? ଏକଥା ମିଡ଼ିଆକୁ ପ୍ରଚାର ପାଇଁ ଦେଲେ କାହିଁକି? ଏମିତି ନାନାଦି ପ୍ରଶ୍ନ ଉଠିବା ସ୍ୱାଭାବିକ । ଭିତିରିଆ କଥାଟା ଜାଣିଲେ ଆପଣଙ୍କ ମୁଣ୍ଡ ଗୋଲ୍ ହୋଇଯିବ । ଦେଶରେ ଗୁଟଖା ବଜାର ୫୦ ହଜାର କୋଟି ଟଙ୍କା ଟପିଲାଣି । ଓଡ଼ିଶା ସରକାର ବର୍ଷକୁ ହଜାରେ କୋଟିର ଟିକସ ବି ଆଦାୟ କରୁଛନ୍ତି । ଯେତେବେଳେ ସରକାର ତମାଖୁ ଉପରେ ବ୍ୟାନ୍ ଲଗାଇଲେ କମ୍ପାନୀମାନଙ୍କ ବେପାର ବନ୍ଦ ହୋଇଗଲା । ହୋଲସେଲର ମାଲ ବି ଉଠାଇଲେନି । କିଏ କାଇଁ ରିସ୍କ ନେବ, ଚଢ଼ାଉ ହେଲେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବ। ଦି ଚାରିଦିନ ମାଲ ଉଠିଲାନି ବୋଲି ଗୁଟଖା କମ୍ପାନୀ ବାଲା ମେସିନ୍ ବନ୍ଦ ରଖିବାକୁ ବାଧ ହେଲେ । ତହୁଁ କମ୍ପାନୀ ବାଲାଙ୍କ ଚେଲା ଚାମୁଣ୍ଡା ବଡ଼ ବାବୁଙ୍କ ଦୁଆରେ ଅଧିଆ ପଡ଼ି ମୋଟା ବଣ୍ଡଲ ଧରାଇଦେଇ ଏତକ ସ୍ପଷ୍ଟୀକରଣ ଆଦାୟ କଲେ ବୋଲି ଖଟିରେ ଚର୍ଚ୍ଚା ହେଉଛି । ଯାହାଫଳରେ ହୋଲସେଲର ମାଲ୍ ଉଠାଇପାରିବେ, ଦୋକାନୀ ବି କିଣିକି ଆଣିପାରିବେ । ସାରୁ ଭିତରେ ଏଇ କଥାଟି ହିଁ ହେଉଛି ମାରୁ । ଆଗ ଭଳି ଦୋକାନ ଆଗରେ ସଫଳ, ବାହାର, ବିମଳର ସାଦା ପ୍ୟାକେଟ୍ ଝୁଲାହେବ। ଦୋକାନୀ ଭିତରୁ ପତି ସହ ପୁଡ଼ିଆ ବଢ଼ାଇବ । ଦାମ ରାଉତଙ୍କ ଅମଳରେ ନବୀନ ସରକାର ବି ଏମିତି ଗୁଟଖା ବ୍ୟାନ୍ ପାଲା କରିଥିଲେ। ସପ୍ତାହେ ଖଣ୍ଡେ ଚଢ଼ାଉ ପରେ କ'ଣ ସେଟିଂ ହେଲା କେଜାଣି ଯଥା ପୂର୍ବଂ ତଥା ପରଂ ଭଳି ସ୍ଥିତି ସୃଷ୍ଟି ହୋଇଥିଲା । ଅତଏବ ନବୀନ ହୁଅନ୍ତୁ କି ମୋହନ, ସମସ୍ତେ ଗୁଟଖା ବେପାର ଚାଲୁ ବୋଲି କାହିଁକି ଚାହୁଁଛନ୍ତି ? କାରଣ ଏଥିରେ ଗୁଟଖା କମ୍ପାନୀ, ବାବୁ ଆଉ ନେତାଙ୍କର ହିଁ ଲାଭ । ଆଉ ଏମିତିବି ରାଜକୋଷକୁ ହଜାରେ କୋଟି ଆସୁଛି। ସେଇଥିପାଇଁ ଆମେ ଲେଖିଲୁ, ବୈଧାନିକ ସତର୍କତା : ଗୁଟଖା ସରକାରଙ୍କ ପାଇଁ ଲାଭଦାୟକ ।





**ବା ବା ଅ ବ୍ ଜ ର୍ଭା ନ ନ୍ଦ**

ବିଜେଡି ଭାଙ୍ଗିବ ନିଇତି ସପନ
ଦେଖୁଛନ୍ତି କିଛି ଟିଭି,
ସକାଳରୁ ସଞ୍ଜ ଗପ ଲେଖୁଛନ୍ତି କେତେ
କଥା ଭାବି ଭାବି ।

ଆସିକା ପାଢ଼ୀଙ୍କୁ ସିମୁଳିଆ ପଣ୍ଡା
ନିଆଁରେ ଢାଳନ୍ତି ଘିଅ,
କଟା ଘା ଦେଖି ଲୁଣ ମାରୁଛନ୍ତି
ନବୀନଙ୍କ ସୁନା ଝିଅ ।

ପନ୍ଦର ବରଷ କୋଳେ ବସାଇଲେ
ଭାଙ୍ଗିଗଲା ପରେ ମେଣ୍ଟ,
କଂଗ୍ରେସର ଅଣ୍ଟା ଭାଙ୍ଗିବାକୁ ପରା
ଦେଇଥିଲେ ତାଙ୍କୁ କଣ୍ଟ ।

ଶଙ୍ଖ ନଦୀରେ ଘଳିଆ ପଡ଼ିକି ହେଇଯିବ
ଯଦି ଘାଇ,
କଙ୍ଗରେସ ମୁକ୍ତ ଭାରତ ସମ୍ଭବ କୁହ
ହେବ କିରେ ଭାଇ ?

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA

'ଗର୍ବିତ ଓଡ଼ିଆ'ର ରିପୋର୍ଟର
ହେବାକୁ ଚାହୁଁଥିଲେ
ମୋବାଇଲ୍ ନମ୍ବର
୯୦୪୦୯୮୮୯୦୮ ରେ
ଆପଣଙ୍କ ଅଞ୍ଚଳର
ରାଜନୈତିକ ସ୍ଥିତି ସଂକ୍ରାନ୍ତୀୟ
ରିପୋର୍ଟ ପଠାନ୍ତୁ ।
ହଁ, ସିଭି ପଠାଇବାକୁ ଭୁଲିବେ
ନାହିଁ ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ ।

# ଜିତିବେନି ବୋଲି ଦେଲେନି

ନିର୍ମଳାଙ୍କ ବଜେଟରେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଭଲ ମାଣିଆ ପାଇବେ ବୋଲି ଆଶା ରଖିଥିଲେ। ସାଧାରଣତଃ ନିର୍ବାଚନ ମୁହାଁ ରାଜ୍ୟକୁ କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ରକଳ୍ପ ଭେଟି ଦିଅନ୍ତି। ବିହାର ହେଉକି ଉତ୍ତରପ୍ରଦେଶ, ମହାରାଷ୍ଟ୍ର ହେଉକି ଗୁଜୁରାଟ ଅବା ଅନ୍ୟ ରାଜ୍ୟର ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାର ବଜେଟରେ ପ୍ରାବଧାନ କରିବାର ନଜିର ରହିଛି। ହେଲେ ଏଥର କିନ୍ତୁ ନିର୍ବାଚନ ମୁହାଁ ୪ ବଡ଼ ରାଜ୍ୟକୁ ସେମିତି କିଛି ଦେଲେନି ନିର୍ମଳା। ଯାହାକୁ ନେଇ ରାଜନୀତିକ ମହଲରେ ଆଲୋଡ଼ନ ସୃଷ୍ଟିହୋଇଛି। ତେବେ ଏହାର କାରଣ କ'ଣ ହୋଇଥାଇପାରେ ? ରାଜନୀତିକ ସମୀକ୍ଷକଙ୍କ ମତରେ ଆସାମକୁ ଛାଡ଼ିଦେଲେ ବାକି ୩ ରାଜ୍ୟରେ ବିଜେପି ଜିତିବାର ଟିକିଏ ବି ଚାନ୍ସ ନାହିଁ। ଜିତିବେନି ବୋଲି ଯେତେବେଳେ ଜାଣିସାରିଛନ୍ତି, ଦେଇଥିଲେ ଲାଭ କ'ଣ ପାଇଥା'ନ୍ତେ ?



## ପଶ୍ଚିମବଙ୍ଗର ନାଁ ବି ନେଲେନି

ବଜେଟ ଭାଷଣରେ ଥରେ ବି ନିର୍ମଳା ପଶ୍ଚିମବଙ୍ଗର ନାଁ ଧରିନାହାନ୍ତି । ଅବଶ୍ୟ ସିଲିଗୁଡ଼ି ଓ ଦୁର୍ଗାପୁର ବିଷୟରେ ଉଲ୍ଲେଖ କରିଛନ୍ତି । ତାମିଲନାଡୁ ନା ଦୁଇଥର ଓ କେରଳ ନାଁ ବି ଦୁଇଥର ଉଚ୍ଚାରିତ ହୋଇଛି । ଗତ ବଜେଟ୍ ଭାଷଣ ବେଳେ ନିର୍ମଳା ବିହାରର ନାଁ ଛଅ ଥର ଉଚ୍ଚାରଣ କରିଥିଲେ । କାହିଁକିନା ସେହି ସମୟରେ ବିହାରରେ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିଲା। ବିହାର ନିର୍ବାଚନକୁ ଆଖି ଆଗରେ ରଖି ସରକାର ପ୍ରକଳ୍ପ ବି ଘୋଷଣା କରିଥିଲେ ।

## 'ନଡ଼ିଆ' ଓ ଚନ୍ଦନ

ନଡ଼ିଆ ଆଉ ଚନ୍ଦନ ଅନେକ ରାଜ୍ୟର ଅର୍ଥନୀତିକୁ ମଜବୁତ୍ କରୁଥିଲେବି ତାମିଲନାଡୁ ଓ କେରଳରେ ଏହା ଅନ୍ୟମାନଙ୍କ ଅପେକ୍ଷା ଟିକେ ଅଧିକ। ବଜେଟରେ ନଡ଼ିଆ ଓ ଚନ୍ଦନ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି । କେରଳ ଓ ତାମିଲନାଡୁରେ କୋଟିଏ ଚାଷୀ ଓ ୩ କୋଟି ଲୋକଙ୍କ ମୁଖ୍ୟ ଜୀବିକା ନଡ଼ିଆ। ଏଥିପାଇଁ ବଜେଟରେ ନଡ଼ିଆ ପ୍ରୋତ୍ସାହନ ଯୋଜନା ନେଇ ଘୋଷଣା କରାଯାଇଛି । ସେହିପରି ରାଜ୍ୟ ସରକାରଙ୍କ ସହ ମିଶି ଚନ୍ଦନ କାଠ ଇକୋ ସିଷ୍ଟମର ବିକାଶ କରାଯିବ । ବିଶେଷକରି ଚନ୍ଦନ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଉପରେ ଧ୍ୟାନ ଦିଆଯାଇଛି ।

## ବିରଳ ମୃତ୍ତିକା

ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁକୁ ନେଇ ବିରଳ ମୃତ୍ତିକା କରିଡ଼ରର ବିକାଶ କରାଯିବ । ସେହିପରି ଆୟୁର୍ବେଦ ପାଇଁ ତିନୋଟି ଅଖିଳ ଭାରତୀୟ ପ୍ରତିଷ୍ଠାନ ହେବାର ଥିବାବେଳେ ଗୋଟିଏ କେରଳରେ ହେବବୋଲି ନିର୍ମଳା କହିଛନ୍ତି।

## ହାଇସ୍ପିଡ଼ ଟ୍ରେନ୍ କରିଡ଼ର ଓ ବୌଦ୍ଧ ସର୍କିଟ୍

ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ଦିଲ୍ଲୀ-ବାରଣାସୀ, ହାଇଦ୍ରାବାଦ-ବେଙ୍ଗାଲୁର, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁର, ବାରଣାସୀ-ସିଲିଗୁଡ଼ି ଭଳି ସହରରେ ହାଇସ୍ପିଡ଼ ରେଳ କରିଡ଼ରର ବିକାଶ ହେବ । ଅର୍ଥାତ୍ ଚେନ୍ନାଇ ତାଲିକାରେ ଥିବାରୁ ତାମିଲନାଡୁ ଉପକୃତ ହେବ । ଆସାମରେ ବିଜେପି ଜିତିବାର ଢ଼େର ସମ୍ଭାବନା ଥିଲେବି ସେଠାରେ ଉତ୍ତର-ପୂର୍ବାଞ୍ଚଳ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି । ତେଣୁ ବଜେଟରେ କେବଳ ବୌଦ୍ଧ ସର୍କିଟ୍ ସଂକ୍ରାନ୍ତରେ ହିଁ ଘୋଷଣା କରାଯାଇଛି।




# ଓଡ଼ିଶା ପାଇଲା କ'ଣ ?

## ମୋହନଙ୍କ ହିସାବ

### ଓଡ଼ିଶା ପାଇଁ ରେୟାର-ଆର୍ଥ କରିଡର

ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନ କ୍ଷମତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ଏକ ଉତ୍ସର୍ଗୀକୃତ ରେୟାର-ଆର୍ଥ କରିଡର ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି ।

### ପୂର୍ବୋଦୟ ରାଜ୍ୟରେ ପର୍ଯ୍ୟଟନ

୫ ଟି ପୂର୍ବୋଦୟ ରାଜ୍ୟ (ଯଥା – ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ) ରେ ୫ଟି ପର୍ଯ୍ୟଟନ ସ୍ଥଳୀ ସୃଷ୍ଟି କରାଯିବ । ସର୍ବସାଧାରଣ ପରିବହନ ପାଇଁ ୪୦୦୦ ଇ-ବସ୍ ଯୋଗାଇ ଦିଆଯିବ ।

### ଏନଡବ୍ଲ୍ୟୁ-୫

ଜାତୀୟ ଜଳପଥ-୫ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ । ଯାହାକି ଖଣିଜ ସମୃଦ୍ଧ ଅଞ୍ଚଳ ତାଳଚେର ଏବଂ ଅନୁଗୁଳ ଅଞ୍ଚଳକୁ ଓଡିଶାର ପାରାଦୀପ ଏବଂ ଧାମରା ଭଳି ପ୍ରମୁଖ ଶିଳ୍ପ ଏବଂ ବନ୍ଦର ହବ୍ ସହିତ ସଂଯୋଗ କରିବ ।

### 'ସହର ଅର୍ଥନୈତିକ ଅଞ୍ଚଳ'

ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ସିଇଆର ପିଛା ୫୦୦୦ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହା ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ସହରାଞ୍ଚଳ କରିଡର କାର୍ଯ୍ୟକାରୀ କରିବାରେ ସହାୟକ ହେବ ।



### କଇଁଛ ଟ୍ରେଲ୍

ଓଡିଶା, କର୍ଣ୍ଣାଟକ ଏବଂ କେରଳ ସମେତ ରାଜ୍ୟର ପ୍ରମୁଖ କଇଁଛ ବସା ବାନ୍ଧିବା ସ୍ଥଳ ନିକଟରେ କଇଁଛ ଟ୍ରେଲ ବିକଶିତ କରାଯିବ ।

### ନଡ଼ିଆ ପ୍ରୋତ୍ସାହନ ଯୋଜନା

ନଡ଼ିଆ ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ନଡ଼ିଆ ପ୍ରୋତ୍ସାହନ ଯୋଜନା କରାଯିବ । ଓଡ଼ିଶା ଭଳି ପ୍ରମୁଖ ନଡ଼ିଆ ଉତ୍ପାଦନକାରୀ ରାଜ୍ୟ ଉପରେ ଧ୍ୟାନ ଦିଆଯିବ ।

କେନ୍ଦ୍ରୀୟ ସହାୟତା ବଢ଼ିବ । ବିଭିନ୍ନ ଯୋଜନାରେ ବି ରାଜ୍ୟ ସରକାର ଫାଇଦା ପାଇବେ । ରାଜ୍ୟର ବିକାଶ ପାଇଁ ବଜେଟ୍ ସହାୟକ ହେବବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ।

## ବିଜେଡ଼ିର ହିସାବ

ଓଡ଼ିଶାରୁ ଦିଲ୍ଲୀ ଯାଇଛନ୍ତି ୨୦ ଲୋକସଭା ସାଂସଦ । ହେଲେ ମିଳିଲା କ'ଣ ବୋଲି ପଚାରିଛନ୍ତି ଡକ୍ଟର ସସ୍ମିତ ପାତ୍ର । ଅନରୂପ ଭାବେ ନବୀନ ପଟ୍ଟନାୟକ ମଧ ବଜେଟ ନୈରାଶ୍ୟଜନକ ବୋଲି କହିଛନ୍ତି ।

ହାଇସ୍ପିଡ଼ ରେଳ କରିଡ଼ର ପାଇଲାନି ଓଡ଼ିଶା । ସାତ ସ୍ଥାନରେ ରେଳ କରିଡ଼ର ହେବ । ରେଳ ମନ୍ତ୍ରୀ ବି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି । ତଥାପିବି ଓଡ଼ିଶା ଏଥିରୁ ବାଦ୍ ପଡ଼ିଛି । ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବି ବନ୍ଦ କରି ଦିଆଗଲା।

ପଶ୍ଚିମବଙ୍ଗର ଡାଙ୍କୁଣୀରୁ ସୁରଟ ମାଲ ପରିବହନ କରିଡ଼ର ହେବ । ଦୁର୍ଗାପୁର ଶିଳ୍ପ କରିଡ଼ର ହେବ । ଓଡ଼ିଶାରେ କିଛି ହେବନି ।

ଗୁଜୁରାଟର ଜାମନଗରରେ ଡବ୍ଲ୍ୟୁଏଚଓର ମେଡ଼ିସିନ୍ ସେଣ୍ଟର ହେବ । ରାଞ୍ôଚରେ ନାସନାଲ ହେଲଥ ମେଣ୍ଟାଲ ଇନଷ୍ଟିଚ୍ୟୁଟ ହେବ। ତେଜପୁରରେ ମଧ ସେହିଭଳି ଇନଷ୍ଟିଚ୍ୟୁଟ୍ ହେବ । ମୁମ୍ବାଇରେ ନାସନାଲ କ୍ରିଏଟିଭ ଇନଷ୍ଟିଚ୍ୟୁଟ କରାଯିବ । ହେଲେ ଓଡ଼ିଶାରେ କିଛି ନାହିଁ ।

ଉତ୍ତରପୂର୍ବ ରାଜ୍ୟରେ ବୁଦ୍ଧ ସର୍କିଟ୍ କରାଯିବ । ହେଲେ ଓଡ଼ିଶାର ରତ୍ନଗିରି, ଲଳିତଗିରି ଓ ଉଦୟଗିରିକୁ କିନ୍ତୁ ସ୍ଥାନ ମିଳିଲାନି ।

ରେୟାର ଆର୍ଥ କରିଡ଼ରକୁ ବିଜେଡ଼ି ସ୍ୱାଗତ କରିଛି । ତେବେ ଜଳପଥ କେବଳ ଖଣି ପରିବହନ ପାଇଁ ହେବାର ଥିବାରୁ କିଛି ଲାଭ ମିଳିବନି ବୋଲି ବିଜେଡ଼ି କହିଛି ।

ଗତ କିଛି ବର୍ଷ ମଧ୍ୟରେ, ଭାରତରେ ବିମାନ ଦୁର୍ଘଟଣାରେ ଅନେକ ପ୍ରଭାବଶାଳୀ ରାଜନେତାଙ୍କୁ ହରାଇଛି। ଏମାନଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି ତଥା ଅନେକ ପ୍ରଭାବଶାଳୀ ରାଜନେତା। ଆକାଶଛୁଆଁ ସଫଳତା ଭିତରେ ଆକାଶରୁ ହିଁ ମୃତ୍ୟୁ କୋଳେଇ ନେଇଥିବା କିଛି ରାଜନେତାଙ୍କ ସମ୍ପର୍କରେ ..


# ବିମାନ ଯାତ୍ରାରୁ ମହାଯାତ୍ରା

## ଅଜିତ ପାୱାର (୨୦୨୬)



ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଅଜିତ ଅନନ୍ତରାଓ ପାୱାର, ମହାରାଷ୍ଟ୍ର ରାଜନୀତିର ଜଣେ ପ୍ରଭାବଶାଳୀ ନେତା। ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ନାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଏହି ବିଚକ୍ଷଣ ରଣନୀତିଜ୍ଞ, ଜାନୁଆରୀ ୨୮, ୨୦୨୬ରେ ପୁଣେ ଜିଲ୍ଲାର ବାରାମତୀ ନିକଟରେ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ବାରମତୀ ଥିଲା ପାୱାରଙ୍କ ନିଜ ବିଧାନସଭା କ୍ଷେତ୍ର । ରାଜନୈତିକ କାର୍ଯ୍ୟ ପାଇଁ ନିଜ ଚାର୍ଟର୍ଡ ବିମାନ ଲିଅରଜେଟ୍ ୪୫ (ଭିଟି-ଏସଏସକେ)ରେ ମୁମ୍ବାଇରୁ ଫେରୁଥିବା ବେଳେ ଜରୁରୀକାଳୀନ ଅବତରଣ କରିବାକୁ ଚେଷ୍ଟା କରି ସକାଳେ ରନୱେ ପାଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପାୱାରଙ୍କ ସହ ବିମାନରେ ଥିବା ସମସ୍ତ ଛଅ ଜଣ ପ୍ରାଣ ହରାଇଛନ୍ତି ।

## ବିଜୟ ରୂପାନୀ (୨୦୨୫)



ଅହମଦାବାଦ୍‌ରେ ଜୁନ୍ ୧୨, ୨୦୨୫ ରେ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଥିଲା। ଏୟାର ଇଣ୍ଡିଆ ବିମାନ ୧୭୧ ପ୍ରାୟ ୨୪୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଅହମ୍ମଦାବାଦ ବିମାନବନ୍ଦରରୁ ଲଣ୍ଡନ ଅଭିମୁଖେ ବାହାରିଥିଲା। ବିମାନ ଯାତ୍ରା ଆରମ୍ଭର ମାତ୍ର ୩୨ ସେକେଣ୍ଡ ପରେ ରନୱେରୁ ୧.୭ କିଲୋମିଟର ଦୂରରେ ଥିବା ଅହମ୍ମଦାବାଦର ବି. ଜେ. ମେଡିକାଲ୍ କଲେଜର ହଷ୍ଟେଲ୍ ବ୍ଲକରେ ମାଡ ହୋଇ ଜଳି ଯାଇଥିଲା । ଏଥିରେ ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କର ମୃତ୍ୟୁ ହେବା ସହିତ ୧୨ ଜଣ କ୍ରୁ ସଦସ୍ୟ ଓ ୨୨୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ।

## ଦୋର୍ଜୀ ଖାଣ୍ଡୁ (୨୦୧୧)



ଅପ୍ରିଲ ୩୦, ୨୦୧୧ ରେ ତୱାଙ୍ଗ ଜିଲ୍ଲା ନିକଟସ୍ଥ ଏକ ଦୁର୍ଗମ ହିମାଳୟ ଅଞ୍ଚଳରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଅରୁଣାଚଳ ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଦୋର୍ଜୀ ଖାଣ୍ଡୁଙ୍କ ମୃତ୍ୟୁ ହୋଇଥିଲା । ପାର୍ବତ୍ୟାଞ୍ଚଳ ଦେଇ ଇଟାନଗରରୁ ତାଇୱାନ୍ ଯାଉଥିବା ସମୟରେ ହେଲିକପ୍ଟରଟି ଭାଙ୍ଗିଯାଇଥିଲା । ଖାଣ୍ଡୁ ଓ ତାଙ୍କ ସହ ଯାତ୍ରା କରୁଥିବା ଅନ୍ୟ ୪ ଜଣ ସଦସ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।

## ୱାଇ.ଏସ୍. ରାଜଶେଖର ରେଡ୍ଡୀ (୨୦୦୯)



ୱାଇ.ଏସ୍. ରାଜଶେଖର ରେଡ୍ଡୀ, ବା ୱାଇ.ଏସ୍.ଆର୍. ଭାବରେ ଜଣାଶୁଣା, ରାଜନେତା ୨ ସେପ୍ଟେମ୍ବର ୨୦୦୯ରେ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ସେହି ସମୟରେ ସେ ଥିଲେ ଅବିଭକ୍ତ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ । ସେ ହାଇଦ୍ରାବାଦରୁ ଚିତ୍ତୁର ଜିଲ୍ଲାକୁ ଯାଉଥିବା ବେଳେ ଯାତ୍ରାମଝିରେ ତାଙ୍କର ବେଲ୍ ୪୩୦ ହେଲିକପ୍ଟରଟି ନିଖୋଜ ହୋଇଯାଇଥିଲା । ଦୁର୍ଘଟଣାରେ ସମସ୍ତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ଓ.ପି. ଜିନ୍ଦଲ, ସୁରେନ୍ଦ୍ର ସିଂହ (୨୦୦୫)



ହରିଆଣାର ଶକ୍ତି ମନ୍ତ୍ରୀ ଓମ୍ ପ୍ରକାଶ ଜିନ୍ଦଲ ଏବଂ ରାଜ୍ୟ କୃଷି ମନ୍ତ୍ରୀ ସୁରେନ୍ଦ୍ର ସିଂହଙ୍କ ମୃତ୍ୟୁ ୩ ମାର୍ଚ୍ଚ, ୨୦୦୫ରେ ଉତ୍ତର ପ୍ରଦେଶର ସାହାରନପୁର ନିକଟରେ ଏକ କିଙ୍ଗ କୋବ୍ରା ହେଲିକପ୍ଟର ଦୁର୍ଘଟଣାରେ ହୋଇଥିଲା। ହେଲିକପ୍ଟରଟି ଦିଲ୍ଲୀରୁ ଚଣ୍ଡିଗଡ଼କୁ ବାହାରିଥିବା ବେଳେ, ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଓପି ଜିନ୍ଦଲ ଥିଲେ ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା।

## ଜିଏମ୍‌ସି ବାଲାଯୋଗୀ (୨୦୦୨)




ଗନ୍ତି ମୋହନ ଚନ୍ଦ୍ର ବାଲାଯୋଗୀଙ୍କ ମୃତ୍ୟୁ ୩ ମାର୍ଚ୍ଚ, ୨୦୦୨ରେ ଆନ୍ଧ୍ର ପ୍ରଦେଶର କୃଷ୍ଣା ଜିଲ୍ଲାର କୈକାଲୁରରେ ଏକ ହେଲିକପ୍ଟର ଦୁର୍ଘଟଣାରେ ହୋଇଥିଲା । ସେତେବେଳେ ସେ ଥିଲେ ଲୋକସଭାର ତତ୍କାଳୀନ ବାଚସ୍ପତି । ଖରାପ ପାଗରେ ଉଡୁଥିବା ସମୟରେ ହେଲିକପ୍ଟରଟି ନଡ଼ିଆ ଗଛରେ ପିଟି ହୋଇଯାଇଥିଲା ।

## ମାଧବରାଓ ସିନ୍ଧିଆ (୨୦୦୧)



ସେପ୍ଟେମ୍ବର ୩୦, ୨୦୦୧ରେ ଉତ୍ତର ପ୍ରଦେଶର ମୈନପୁରୀ ନିକଟରେ ଏକ ବିମାନ ଦୁର୍ଘଟଣାରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମାଧବରାଓ ସିନ୍ଧିଆଙ୍କ ମୃତ୍ୟୁ ହୋଇଥିଲା। ଦିଲ୍ଲୀରୁ କାନପୁର ଯାଉଥିବା ବିମାନଟି ଉଡ଼ାଣର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସିନ୍ଧିଆ ଭାରତର ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଜଣେ ଥିଲେ । ତାଙ୍କ ପୁଅ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବେ କେନ୍ଦ୍ରମନ୍ତ୍ରୀ ଅଛନ୍ତି ।

## ସଞ୍ଜୟ ଗାନ୍ଧୀ (୧୯୮୦)



ଏହାଥିଲା ଭାରତର ସବୁଠାରୁ ଚର୍ଚ୍ଚିତ ବିମାନ ଦୁର୍ଘଟଣା ମଧ୍ୟରୁ ଗୋଟିଏ। ୧୯୭୦ ଦଶକର ଶେଷ ଭାଗରେ ଜାତୀୟ ରାଜନୀତିର ଜଣେ କେନ୍ଦ୍ରୀୟ ନେତୃତ୍ୱ ଭାବେ ସଞ୍ଜୟ ଗାନ୍ଧୀଙ୍କ ପରିଚୟ ସୃଷ୍ଟି ହୋଇସାରିଥିଲା । ସେ ଇନ୍ଦିରା ଗାନ୍ଧୀଙ୍କର ରାଜନୈତିକ ଉତ୍ତରାଧିକାରୀ ବୋଲି କଂଗ୍ରେସର ଅନେକ ବରିଷ୍ଠ ନେତୃତ୍ୱ ବିଚାର କରୁଥିବାବେଳେ ନିଜେ ଚଳାଉଥିବା ହେଲିକପ୍ଟର ଦୁର୍ଘଟଣାରେ ସଞ୍ଜୟ ଗାନ୍ଧୀ ମୃତ୍ୟୁବରଣ କରିଥିଲେ ।

## ସୁରେନ୍ଦ୍ର କୁମାରମଙ୍ଗଳମ (୧୯୭୩)



ପୂର୍ବତନ ଲୋକସଭା ସାଂସଦ ସୁରେନ୍ଦ୍ର ମୋହନ କୁମାରମଙ୍ଗଳମଙ୍କ ମୃତ୍ୟୁ ୧୯୭୩ ମସିହା ମେ ୩୧ ତାରିଖରେ ଦିଲ୍ଲୀରେ ଇଣ୍ଡିଆନ ଏୟାରଲାଇନ୍ସ ବିମାନ ଦୁର୍ଘଟଣାରେ ହୋଇଥିଲା। ସେ ପ୍ରଥମେ ବାମ ପନ୍ଥୀ ଦଳଙ୍କୁ ସମର୍ଥନ କରୁଥିଲେ ପରବର୍ତ୍ତୀ ସମୟରେ ସେ କଂଗ୍ରେସରେ ଯୋଗଦେଇଥିଲେ । ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କୌଣସି ବ୍ୟକ୍ତିଙ୍କ ଦେହାବଶେଷ ମିଳିନଥିବା ବେଳେ କୁମାରମଙ୍ଗଳମ୍‌ଙ୍କୁ ତାଙ୍କ ପାର୍କର ପେନ୍ ଓ ସେ ବ୍ୟବହାର କରୁଥିବା ଶ୍ରବଣ ଯନ୍ତ୍ର ଦ୍ୱାରା ଚିହ୍ନଟ କରାଯାଇଥିଲା ।

ଖାଣ୍ଟି ଓଡ଼ିଆ



## ରାଜନୀତିକ ଅଳିନ୍ଦରେ ଘୂରି ବୁଲୁଥିବା ପ୍ରଶ୍ନ

# ଅରବିନ୍ଦଙ୍କ ନିଲମ୍ବନ

# କାହିଁକି ସ୍ପଷ୍ଟୀକରଣ ଦେଲେ ନବୀନ ?

**ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଗତ ୨୯ ବର୍ଷ ଭିତରେ ଅନେକ ନେତାଙ୍କୁ ନିଲମ୍ବିତ ଓ ବହିଷ୍କୃତ କରିଛନ୍ତି। ହେଲେ କେବେ ସେ ମିଡ଼ିଆ ଆଗରେ କାରଣ କହିନଥିଲେ। କିନ୍ତୁ ଅରବିନ୍ଦଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ନିଲମ୍ବନ ପରେ ମୁଖପାତ୍ର ଓ ବିଧାୟକମାନେ କାରଣ କହିଥିଲେ ବି ନବୀନ ବାହାରକୁ ଆସି ସ୍ପଷ୍ଟୀକରଣ ଦେଇଥିଲେ।**

### କାହିଁକି?

ଅରବିନ୍ଦଙ୍କ ପୂର୍ବରୁ ଯେତେ ବି ନିଲମ୍ବନ ହୋଇଥିଲା ମନେ କରାଯାଉଥିଲାଯେ, ସେସବୁ ନବୀନ ପଟ୍ଟନାୟକ ନିଜେ ଚିନ୍ତା କରି ନିଷ୍ପତ୍ତି ନେଇଛନ୍ତି । ଯଦିଓ ପ୍ରାୟ ସବୁ ନିଷ୍ପତ୍ତି ବାହ୍ୟ ଶକ୍ତିଙ୍କ ଦ୍ୱାରା ହେଉଥିଲା। କିନ୍ତୁ ନବୀନ କ୍ଷମତାରେ ଥିବାରୁ କେହି ଅନ୍ୟ ପ୍ରତି ଆଙ୍ଗୁଳି ଦେଖାଉନଥିଲେ। ଦ୍ୱିତୀୟ କାରଣଟି ହେଉଛି, ନିଲମ୍ବନ ହେବା ପରେ ଅରବିନ୍ଦଙ୍କ ପ୍ରତି ସହାନୁଭୂତି ଅହେତୁକ ଭାବେ ବଢି ଯାଇଥିଲା । କାରଣ ସମସ୍ତେ କହିବାକୁ ଆରମ୍ଭ କରି ଦେଇଥିଲେଯେ, ଏହି ନିଷ୍ପତ୍ତି ପାଣ୍ଡିଆନଙ୍କ ଦ୍ୱାରା ପ୍ରରୋଚିତ ଏବଂ ପ୍ରାୟୋଜିତ । ତୃତୀୟ ଏବଂ ସବୁଠାରୁ ବଡ କାରଣଟି ହେଉଛି; ପୂର୍ବପରି ଅନ୍ୟ ନିଲମ୍ବନ ପରି ବିଜେଡ଼ିର ଅଳ୍ପ କିଛି ହତଗଣତି ପାଣ୍ଡିଆନ-ପନ୍ଥୀ ନେତାଙ୍କୁ ଛାଡି ଦେଲେ ଅନ୍ୟ କେହି ଖୋଲାଖୋଲି ଭାବେ ନବୀନଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇଲେ ନାହିଁ । କେବଳ ବରିଷ୍ଠ ନୁହନ୍ତି, ଏପରିକି କନିଷ୍ଠ ଏବଂ ଯୁବ ନେତାମାନେ ବି ଖୋଲା ଖୋଲି ଭାବେ ନିଷ୍ପତ୍ତି ସମର୍ଥନରେ ଗଣମାଧ୍ୟମକୁ ବିବୃତ୍ତି ଦେଲେ ନାହିଁ ।

ନିଲମ୍ବନ ପରେ ଯେଉଁପରି ଭାବେ ବିଜେଡିର ମୁଖପାତ୍ରମାନେ ବାରମ୍ବାର ବୟାନ ବଦଳାଇଲେ, ଅରବିନ୍ଦଙ୍କ ପ୍ରତି ସହାନୁଭୂତି ଅଧିକ ବଢିଲା । ପ୍ରଥମ କିଛି ଦିନ ତାଙ୍କ ବିରୁଦ୍ଧରେ ଦଳ ବିରୋଧୀ କାର୍ଯ୍ୟ, ଷଡଯନ୍ତ୍ର ପରି ଅଭିଯୋଗ ଅଣାଗଲା । ତା'ପରେ ମୁଖିଆ ଆସି ବିବୃତ୍ତି ଦେଲେ, ଲୋକଙ୍କ ହଇରାଣ କରିଥିବାରୁ ତାଙ୍କୁ ନିଲମ୍ବନ କରଯାଇଥିଲା। ଏଥିରୁ ନିଶ୍ଚିତ ହୋଇଗଲାଯେ, ଅରବିନ୍ଦ କୌଣସି ଷଡଯନ୍ତ୍ରରେ ନଥିଲେ। ବୋଧହୁଏ ଅତନୁ ସବ୍ୟସାଚୀଙ୍କ ଷଡଯନ୍ତ୍ରର ଶିକାର ହୋଇଛନ୍ତି । ଏହି ଧାରଣା ଅଧିକ ସମୀଚୀନ ମନେହୁଏ, କାରଣ ଅତନୁ ମହାକାଳପଡାରୁ ୫୦ ହଜାର ଭୋଟରେ ହାରିବା ଏବଂ ତାଙ୍କ ସମର୍ଥକମାନେ ଯାଇ ବିଜେପିରେ ମିଶିବା ପରେ, ତାଙ୍କର ରାଜନୈତିକ ସମ୍ଭାବନା କ୍ଷୀଣ ହୋଇ ଯାଇଛି। ତେଣୁ, ସେ ହୁଏତ ପାଟକୁରାରୁ ନିଜ ଭବିଷ୍ୟତ ଖୋଜିବାକୁ ଚାହୁଁଛନ୍ତି। ଯେହେତୁ, ସେ ପାଣ୍ଡିଆନଙ୍କ ଜଣେ ମୁଖର ସମର୍ଥକ ଏହି କାରଣକୁ ସଂପୂର୍ଣ୍ଣ ଭାବେ ଏଡାଇ ଦିଆଯାଇନପାରେ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ବିଜେଡ଼ିରୁ ନିଲମ୍ବିତ ହେଲେ ପଦ ଚାଲିଯିବାର ଭୟ ନାହିଁ । ତେଣୁ ପାଣ୍ଡିଆନଙ୍କ ପ୍ରତି ଯେଉଁ ଫିୟର ଫ୍ୟାକ୍ଟର ରହିଛି ତାହା ଚାଲିଯିବ।


### କାହିଁକି ବିଜେପିର ଗୋଡ଼ାଣିଆ ସାଜିଛି ବିଜେଡ଼ି ?

ଯେତେବେଳେ ବି ବିଜୁ ଜନତାଦଳର ଇତିହାସ ଲେଖାଯିବ ସମୀକ୍ଷକମାନେ ଆଲୋଚନା କରିବେଯେ, ଲୋକସଭାରେ ଏତେ ସଂଖ୍ୟକ ଆସନ ପାଇବା ପରେ ଏବଂ କ୍ରମାଗତ ପାଞ୍ଚ ପାଞ୍ଚଥର ନିରଙ୍କୁଶ ସରକାର ଗଢ଼ିବା ପରେ ମଧ ଏହା କାହିଁକି ରାଷ୍ଟ୍ରୀୟ ରାଜନୀତିରେ ବିଜେପିର ଗୋଡାଣିଆ ଭାବେ କାର୍ଯ୍ୟକରୁଥିଲା। ବିଜେପିର ବି' ଟିମ ପରି କାର୍ଯ୍ୟକରୁଥିଲା କାହିଁକି ? ଏତେ ପରିମାଣରେ ଜନ ସମର୍ଥନ ଅନ୍ୟ କୌଣସି ରାଜ୍ୟର ଆଞ୍ଚଳିକ ଦଳକୁ ମିଳିଥିଲେ, କେନ୍ଦ୍ର ରାଜନୀତିରେ ହଙ୍ଗାମା କରିଥାଆନ୍ତା । କିନ୍ତୁ, ପ୍ରଶ୍ନ ଉଠେଯେ, ୨୦୨୪ ପର୍ଯ୍ୟନ୍ତ କାହିଁକି ଏହା ପ୍ରତିଫଳିତ ହେଉନଥିଲା । ଏହାର ଗୋଟିଏ ମାତ୍ର ଉତ୍ତର 'କ୍ଷମତା'। ତେଣୁ, ଦଳ ଭିତରେ ଯେତେ ଅସନ୍ତୁଷ୍ଟ ଥିଲେ ବି କ୍ଷମତାର ଶକ୍ତି ତାକୁ ଚାପି ଦେଉଥିଲା । କିନ୍ତୁ ୨୦୨୪ ନିର୍ବାଚନ ପରେ ଓଡିଶା ରାଜନୀତି, ବିଶେଷଭାବେ ବିଜେଡି ରାଜନୀତିରେ ଅନେକ ପରିବର୍ତ୍ତନ ଆସିଥିଲା । ସବୁଠାରୁ ବଡ ପରିବର୍ତ୍ତନ ଆସିଥିଲା, ରାଜ୍ୟ ରାଜ୍ୟନୀତିର ସ୍ୱରୂପରେ । ନବୀନ ସରକାରଙ୍କ ଅମଳରେ, ବିଶେଷ ଭାବେ ୨୦୧୯-୨୦୨୦ ସମୟରେ ସରକାର ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ପଦ୍ଧତିରେ ଚାଲୁଥିଲା । ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ସରକାରଙ୍କ ଶାସନ ସବୁବେଳେ ନିର୍ବାଚିତ ପ୍ରତିନିଧି-କୈନ୍ଦ୍ରିକ ହେବା ଉଚିତ । କିନ୍ତୁ, ନବୀନ ପଟ୍ଟନାୟକଙ୍କ ଶାସନ ପ୍ରାୟ ଆରମ୍ଭରୁ ଅଧିକାରୀ-କୈନ୍ଦ୍ରିକ ହୋଇ ଯାଇଥିଲା। କିନ୍ତୁ, ୨୦୧୮ ପର୍ଯ୍ୟନ୍ତ ଏହା ଉତ୍କଟ ନ ଥିଲା । କିନ୍ତୁ, ୨୦୧୮ ପରଠାରୁ ଉଭୟ ଦଳ ଏବଂ ସରକାର ସଂପୂର୍ଣ୍ଣ ଭାବେ ଅଧିକାର-କୈନ୍ଦ୍ରିକ (କେବଳ ଜଣେ ଅଧିକାରୀ) ହୋଇଯାଇଥିଲା। ୨୦୧୯ ପରଠାରୁ କୋଭିଡ଼ର ଦ୍ୱାହି ଦେଇ ଏହି ପ୍ରକ୍ରିୟା ଆହୁରି ମଜବୁତ ହୋଇଗଲା, ମୁଖ୍ୟମନ୍ତ୍ରୀ-ମନ୍ତ୍ରୀଙ୍କ ମଧ୍ୟରେ ଖାଇ ଗଭୀର ହେବାକୁ ଲାଗିଲା। ଏପରିକି କ୍ୟାବିନେଟ୍‌ରେ ଆସୁଥିବା ପ୍ରସ୍ତାବକୁ ମନ୍ତ୍ରୀମାନଙ୍କ ଅବଗତ ପାଇଁ ଦିଆଯାଉନଥିଲା । ଗୋଟିଏ ଦିନ ପୂର୍ବରୁ କିମ୍ବା କ୍ୟାବିନେଟ୍ ଦିନ ହିଁ କେବଳ ଦସ୍ତଖତ କରିବା ପାଇଁ ଆସୁଥିଲା । ପ୍ରାୟ କୌଣସି କ୍ୟାବିନେଟ୍ ପ୍ରପୋଜାଲ ପ୍ରସ୍ତୁତିରେ ବିଭାଗୀୟ ମନ୍ତ୍ରୀଙ୍କ କୌଣସି ଭୂମିକା ନଥିଲା । ସବୁ କିଛି ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିଲା। ପରିସ୍ଥିତି ଏମିତି ଉତ୍କଟ ହୋଇ ସାରିଥିଲାଯେ, ୨୦୨୪ରେ ବିଜେଡିର

ଅନେକ ନେତା କୁହା କୁହି ହେଉଥିଲେଯେ, ଆମେ ନିଜେ ଜିତିଯାଉ, ବିଜେଡି ଏଥର ହାରିବା ଦରକାର । କାରଣ ଏକ ଅଜଣା ଭୟ, ସମ୍ଭାବ୍ୟ ଅପମାନ ତାଙ୍କୁ ବିବ୍ରତ କରୁଥିଲା । କିନ୍ତୁ, ୨୦୨୪ ନିର୍ବାଚନ ପରେ ଏହି ସ୍ଥିତିରେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଅଛି । ବର୍ତ୍ତମାନର ସରକାର କୌଣସି ଦୃଷ୍ଟିରୁ ଭଲ ଭାବେ କିମ୍ବା ଭାବେ ଫଳପ୍ରଦ ଭାବେ ଚାଲୁନହିଁ । ମୁଖ୍ୟମନ୍ତ୍ରୀଙ୍କୁ ପ୍ରାୟ କୌଣସି ମନ୍ତ୍ରୀ ଗୁରୁତର ସହ ନେଉନାହାନ୍ତି । କିନ୍ତୁ, ନୂଆ ସରକାର ଗୋଟିଏ ଭଲ କାମ କରିଛି, ଶାସନ-ପ୍ରଶାସନକୁ ନିର୍ବାଚିତ ପ୍ରତିନିଧି-କୈନ୍ଦ୍ରିକ କରିଛି, ଯାହା ହେଉଛି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଥମ ନୀତି । ଏପରିକି କ୍ୟାବିନେଟରେ ମୁଖ୍ୟ ଶାସନ ସଚିବଙ୍କ ବ୍ୟତୀତ ଅନ୍ୟ କୌଣସି ଅଧିକାରୀଙ୍କୁ ମନା । ଯଦି ଆବଶ୍ୟକ ହେବେ ତାଙ୍କୁ ଡକାହେବ । କ୍ୟାବିନେଟରେ ଖୋଲା ତର୍କ ବିତର୍କ ହୋଇ ନିଷ୍ପତ୍ତି ନିଆଯାଉଛି ।

## ବିଜେଡ଼ି ପାଖରେ କ'ଣ ରହିଛି ବିକଳ୍ପ ?

ବର୍ତ୍ତମାନ ବିଜେଡି ପାଖରେ ବିକଳ୍ପ କ'ଣ ? କିଛି ବିକଳ୍ପ ନାହିଁ । ଯଦି ଦଳର ମୁଖିଆ ନିଷ୍ପତ୍ତି ନେଇ ସାରିଛନ୍ତିଯେ, ସେ ବିଜେପି ସହିତ ଭାଇ-ଭାଇ ନ୍ୟାୟରେ ଲଢେଇ କରିବେ, ତାହା ଅସମ୍ଭବ । ଭାରତୀୟ ରାଜନୀତିରେ ଏହା ସମ୍ଭବ ନୁହେଁ । ଏହା କାହାକୁ ଅଛପା ନାହିଁଯେ, ଏତେ ପ୍ରସଙ୍ଗ ଥାଇ ମଧ୍ୟ ବିଜେଡି ବିଜେପିକୁ କଥାଗତାକୁ ଟାଣିପାରୁନାହିଁ । କାରଣ, ଯଦି ମୁଖିଆ ନୀରବ ରହିବେ, କିମ୍ବା ଶୀର୍ଷ ନେତୃତ୍ୱ କେନ୍ଦ୍ରୀୟ ବିଜେପି ସହିତ ବନ୍ଧୁତ୍ୱପୂର୍ଣ୍ଣ ଡିଲ୍ କରିବେ ଓଡିଶାର ପ୍ରାୟ ୬୦% ବିଜେପି ବିରୋଧୀ ଭୋଟ ଲୋକେ କାହିଁକି ବିଜେଡିକୁ ଦେବେ । ବର୍ତ୍ତମାନ ବିଜେପି ପାଖରେ ୪୦% ଭୋଟ୍ ଥିବାବେଳେ ମୋଦୀ-ପରବର୍ତ୍ତୀ ରାଜନୈତିକ



ପରିସ୍ଥିତିରେ ଅତି କମରେ ୫ ରୁ ୧୦ ପ୍ରତିଶତ କମିବା ସମ୍ଭାବନା ଅଛି । ତେଣୁ ବିରୋଧୀ ଦଳ ପାଖରେ ୬୫ ରୁ ୭୦ ପ୍ରତିଶତ ଭୋଟ ପାଇଁ ଲଢେଇ ହେବ । ଲୋକଙ୍କ ଦୃଷ୍ଟିରେ ଯେଉଁ ବିରୋଧୀ ଦଳ ବିଜେପିକୁ ରୋକିବାର ସଫଳ ହେବ, ଏହି ୭୦%ରୁ ସିଂହଭାଗ ଭୋଟ ତା'ପାଖକୁ ଯିବ । ବିଜେଡ଼ି ବିଜେପିର ବି-ଟିମ୍‌କି ନାହିଁ ତାହା ରାଜ୍ୟସଭା ନିର୍ବାଚନ ସମୟରେ ଆହୁରି ସ୍ପଷ୍ଟ ହୋଇଯିବ । ବିଜେଡି, କୌଣସି ପରିସ୍ଥିତିରେ ବି କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବ ନାହିଁ, କାରଣ ଏହା ଦ୍ୱାରା ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଖପ୍ପା ହୋଇଯିବେ । ପାଣ୍ଡିଆନ୍ ବି ଏହା ଚାହିଁବେ ନାହିଁ । ତେଣୁ, ବୁଝାମଣା ଦ୍ୱାରା ହେଉ (ତଥାକଥିତ ନିରପେକ୍ଷ ଏବଂ ଗ୍ରହଣୀୟ ପ୍ରାର୍ଥୀ ନାଁରେ ହେଉ କି ବିଜେପିର ତୃତୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ୱାକଫ୍ ବିଲ୍ ପରି 'ବିବେକାନୁମୋଦିତ' ମତ ଦେବା ପାଇଁ ନିର୍ଦ୍ଦେଶ ଆସିପାରେ) । ଏପରି କ୍ଷେତ୍ରରେ ବିଜେଡ଼ିରେ ବିରୋଧୀ ଦଳ ଭାବେ ବିଶ୍ୱସନୀୟତା ସଂପୂର୍ଣ୍ଣ ନଷ୍ଟ ହୋଇଯିବ । ଏବେବି ଅନେକ ବିଜେଡି ନେତା ଭାବୁଛନ୍ତିଯେ, ନବୀନଙ୍କ ଲୋକପ୍ରିୟତା ଏବେ ବି ବଜାୟ ଅଛି । କାରଣ ମୋହନ ମାଝୀ ଭଲ କାମ କରୁ ନାହାନ୍ତି । ଏହା କେବଳ ନିଜ ମନକୁ ବୁଝାଇବା ଛଡା ଆଉ କିଛି ନୁହେଁ । କେବଳ ଗୋଟିଏ ଲୋକ ପାଇଁ ଆଜି ନବୀନଙ୍କ ଲୋକପ୍ରିୟତା ତଳକୁ ତଳକୁ ଖସିବାରେ ଲାଗିଛି । ନୂଆପଡା ବିପର୍ଯ୍ୟୟ ପରେ ବି ଯଦି ଶୀର୍ଷ ନେତୃତ୍ୱ ଏହା ବୁଝିପାରୁ ନାହାନ୍ତି, ତେବେ ଏହାର କେବଳ ଦୁଇଟି କାରଣ ହୋଇପାରେ; ପ୍ରଥମତଃ, ସେମାନେ ବାସ୍ତବତାକୁ ଦେଖିବାକୁ ଚାହୁଁନାହାନ୍ତି କିମ୍ବା ଦ୍ୱିତୀୟତଃ, ଶୀର୍ଷ ନେତୃତ୍ୱ ଆତ୍ମହତ୍ୟାର ପନ୍ଥା ବାଛିଛନ୍ତି ।

# ବିଜେପି ଟାର୍ଗେଟ୍‌ରେ ଜେଡ଼ିୟୁ, ବିଜେଡ଼ି

ବିଜେଡିର ଶୀର୍ଷ ନେତୃମଣ୍ଡଳୀ ବୋଧହୁଏ ବିଜେପିର ନାସନାଲ ପ୍ରୋଜେକ୍ଟ ବିଷୟରେ ସଠିକ ଭାବେ ଜାଣି ପାରିଲେନାହିଁ । ରାଷ୍ଟ୍ରୀୟ ବିଜେପିର ଲକ୍ଷ୍ୟ ହେଉଛି ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳକୁ ରାଜ୍ୟରୁ ଅପ୍ରାସଙ୍ଗିକ କରିଦେବା କିମ୍ବା ସଂପୂର୍ଣ୍ଣ ଭାବେ ଭାଙ୍ଗି ଦେବା । ଅକାଳୀ ଦଳ, ବହୁଜନ ସମାଜ ପାର୍ଟି, ଜନତା ଦଳ (ଧର୍ମନିରପେକ୍ଷ), ଏଆଇଡ଼ିଏମକେ ତାମିଲନାଡୁ), ଏଜେଏସୟୁ (ଝାରଖଣ୍ଡ), ଏଜିପି (ଆସାମ) ଏହାର ପ୍ରକୃଷ୍ଟ ଉଦାହରଣ । ବର୍ତ୍ତମାନ ତାଙ୍କ ଟାର୍ଗେଟରେ ଅଛି ଜେଡ଼ିୟୁ ଓ ବିଜେଡ଼ି । ଦୁର୍ଭାଗ୍ୟବଶତଃ ଉଭୟ ଦଳର ସ୍ଥିତି ପ୍ରାୟ ସମାନ । ଜେଡିୟୁ ପ୍ରାୟ ସମାପ୍ତ ହୋଇ ସାରିଛି, ଏହାର ସାଂସଦ ଏବଂ ଅଧିକାଂଶ ବିଧାୟକ ବିଜେପି ସହ ରହି ସାରିଛନ୍ତି । ଖାଲି ମେଣ୍ଟ ବୋଲି ନୁହେଁ, ସମସ୍ତେ ନିଜ ନିଜ ବାଟରେ ମଧ୍ୟ ବିଜେପି ସହ ଯୋଗସୂତ୍ରରେ ଥିବା ବିହାର ରାଜନୀତିରେ ଚର୍ଚ୍ଚା ହେଉଛି । ନୀତିନ ନବୀନ ରାଷ୍ଟ୍ରୀୟ ଅଧକ୍ଷ ହେବାପରେ ଆଗାମୀ ଦିନରେ ବିହାରରେ ଜେଡ଼ିୟୁ ଅପ୍ରାସଙ୍ଗିକ ହୋଇଯିବ ବୋଲି ଅନୁମାନ କରାଯାଉଛି । କେତେବେଳେଯେ, ନୀତିଶ କୁମାର ହଟିନଯିବେ, ତାହା କିଏ କହିବ ।

ପ୍ରାୟ ସମାନ ସ୍ଥିତି ଓଡିଶାରେ । ମାଗି ଓଳଗି, ଯାଚି କଲ୍ୟାଣ ନ୍ୟାୟରେ ବିଜେଡି ଅଯାଚିତ ଭାବେ ବିଜେପିକୁ କେବଳଯେ, ସଂସଦରେ ସମର୍ଥନ ଦେଉଥିଲା ତାହା ନୁହେଁ



ରାଜ୍ୟ ରାଜନୀତିରେ ବିଜେପି ବିରୁଦ୍ଧରେ ମନ୍ତବ୍ୟ ଦେବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଥିଲା । ବିଜେଡିକୁ ଚଳାଉଥିବା ନେତା ଭୁଲିଗଲେଯେ, ଆଜିବି ଦେଶରେ ବିଜେପି ବିରୋଧୀ ଭୋଟ ସଂଖ୍ୟା ହେଉଛି ୬୦ ପ୍ରତିଶତ । ଏହି ଭୋଟ କେବଳ ବିଜେପି ବିରୋଧୀ ପାର୍ଟିକୁ ଯାଇଥାଏ । ଯେଉଁ ରାଜ୍ୟରେ ଯେଉଁ ଆଞ୍ଚଳିକ ଦଳ ହେଉ କିମ୍ବା ଜାତୀୟ ଦଳ ହେଉ, ଯିଏ ବି ବିଜେପିକୁ ହରାଇବାର ସମ୍ଭାବନା ଅଧିକ ଥାଏ, ସେହି ଦଳକୁ ଏହି ଭୋଟ ଯାଇଥାଏ ।

ଏହି ସାମାନ୍ୟ ରାଜନୈତିକ ଅଙ୍କକୁ ସେମାନେ ବୁଝିପାରିଲେ ନାହିଁ କିମ୍ବା ଜାଣିଶୁଣି ବୁଝିବାକୁ ଚେଷ୍ଟା କଲେ ନାହିଁ । ଏହି କଥା ଓଡିଶା ରାଜନୀତିକ ଇତିହାସରୁ ବି ଶିକ୍ଷା କରି ପାରିଥାନ୍ତେ । ୨୦୦୯ ବିଧାନ ସଭାରେ କଂଗ୍ରେସ ୨୯.୧୦ ପ୍ରତିଶତ ଭୋଟ ପାଇଥିଲା । କାରଣ ବିଜେଡି-ବିଜେପି ଅଲଗା ହେବା ପରେ ବି କଂଗ୍ରେସକୁ ଲୋକେ ମୁଖ୍ୟ ବିରୋଧୀ ଦଳ ଭାବେ ଦେଖୁଥିଲେ ।

କିନ୍ତୁ, ମାତ୍ର ଦଶ ବର୍ଷ ଭିତରେ କଂଗ୍ରେସ ତାର ବିରୋଧୀଦଳ ଭୂମିକାକୁ ସଂପୂର୍ଣ୍ଣ ରୂପେ ଭୁଲିଗଲା । ଯାହାଫଳରେ ବିଜେପି ୨୦୧୯ ନିର୍ବାଚନ ବେଳକୁ ୩୨% ଭୋଟ୍ ପାଇ ମୁଖ୍ୟ ବିରୋଧୀ ଦଳକୁ ଚାଲିଆସିଲା ଏବଂ କଂଗ୍ରେସ ୧୬% ସହିତ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ବାଧ ହୋଇଛି । ବର୍ତ୍ତମାନ ବିଜେଡିର ଅବସ୍ଥା ଠିକ୍ ସେହିପରି । ଓଡିଶାବାସୀ ବିଜେଡିକୁ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀଦଳ ଭାବେ ଦେଖୁ ନାହାନ୍ତି । କଂଗ୍ରେସ ଯଦି ତାର ଅନ୍ତର୍ଦ୍ୱନ୍ଦ୍ୱକୁ ଠିକ୍ କରି ବିରୋଧି ଦଳର ଭୂମିକା ତୁଲାଇବ ତେବେ ଏହା ମୁଖ୍ୟ ବିରୋଧୀ ଦଳ ଭୂମିକାରେ ଆସିପାରିବ । ନହେଲେ ଯଦି କିଛି ବିକଳ୍ପ ଆସେ, ଯିଏ ଲୋକଙ୍କ ସମସ୍ୟାକୁ ନେଇ ଲଢେଇ କରିପାରିବେ, ସେଇ ଦଳ ନୂତନ ବିରୋଧୀ ଦଳ ଭାବେ ଉଭା ହୋଇପାରେ ।



ବିଜୟ ମହାପାତ୍ର । ନିର୍ବାଚନରେ ଯେତିକି ବିଜୟ, ସେତିକି ପରାଜୟ । ଏକଦା ବିରୋଧୀ ଦଳରେ ଥିବାବେଳେ ସେ ବିଧାନସଭାରେ ଯେମିତି ସରକାରଙ୍କୁ ଘେରୁଥିଲେ, ଶାସକ ଦଳରେ ଥିବାବେଳେ ବିରୋଧୀଙ୍କୁ ସେମିତି ଚକମା ଦେଉଥିଲେ । ବିଜୁବାବୁଙ୍କୁ ପଟ୍ଟଶିଷ୍ୟ ବିଜୟ ବାବୁ ଅନ୍ୟ ବନ୍ଧୁମାନଙ୍କ ସହ ମିଶି ବିଜୁବାବୁଙ୍କ ନାଁରେ ଦଳ ବି ଗଢ଼ିଥିଲେ । ବିଜୁଙ୍କ ପୁଅ ନବୀନ ପଟ୍ଟନାୟକଙ୍କୁ ଡାକି ସଭାପତି ବି କରିଥିଲେ । ହେଲେ ଶେଷରେ ନବୀନ ବାବୁ ବିଜୟଙ୍କୁ ବି ବିଜେଡିରୁ ବାହାର କରିଦେଲେ । ଧୋକ୍କା ଦେଇ ଟିକେଟ୍ ବି କାଟିଦେଲେ । ସେବେଠାରୁ ଆଉ ବିଜୟ ବାବୁ ବିଧାନସଭାକୁ ଆସିପାରିନାହାନ୍ତି । ହେଲେ ଏବେ ବି ରାଜ୍ୟ ରାଜନୀତିରେ ସମସ୍ତଙ୍କ ନଜର ବିଜୟଙ୍କ ଉପରେ । ଗତ ଅଢ଼େଇ ଦଶନ୍ଧି ଧରି ବିଜୟଙ୍କ ପ୍ରତ୍ୟେକ ଗୋଟିଚାଳନା ଉପରେ ସବୁ ଦଳର ନିଘା ରହିଆସିଛି ।

# ଓଡ଼ିଶା ରାଜନୀତି ଏବେ ଧୂଆଁଳିଆ



> ୧୯୮୦ରେ ପାଟକୁରାରୁ ଜିଣିଥିଲେ ବିଜୁ ପଟ୍ଟନାୟକ । ବିଜୁବାବୁ ପାଟକୁରା ଆସନ ଛାଡ଼ିବାରୁ ବିଜୟ ମହାପାତ୍ର ଉପନିର୍ବାଚନରେ ବାଜିମାତ୍ କରି ସେ ପ୍ରଥମ ଥର ବିଧାୟକ ହୋଇଥିଲେ । ୧୯୮୫, ୧୯୯୦ ଓ ୧୯୯୫ରେ ବି ସେ ଲଗାତର ବିଜୟ ହାସଲ କରିଥିଲେ । କଂଗ୍ରେସ ହାୱା ଥିବାବେଳେ ବିଜୟ ନିଜର ଦମ୍ ଦେଖାଇଥିଲେ । କିନ୍ତୁ ୨୦୦୦ରେ ପାଟକୁରା ରାଜନୀତି କଡ଼ ଲେଉଟାଇଥିଲା । ବିଜୟଙ୍କୁ ହରାଇବା ପାଇଁ ଧନ ବଳ, ବାହୁ ବଳ, ପ୍ରଶାସନିକ କଳ, ସରକାରୀ ଦଳ ଖୁବ୍ ଦମରେ ଲାଗି ପଡୁଥିବାରୁ ସେ ଆଉ ବିଧାନସଭା ଆସିପାରିନାହାନ୍ତି ।

**‘ନିଜେ ଗଢ଼ିଥିବା ଘର କ’ଣ କିଏ ଭାଙ୍ଗିବାକୁ ଚିନ୍ତା କରେ ! ଯଦି କିଏ ସବୁବେଳେ ଏଇକଥା ଭାବିଭାବି ଡରିବ, ତା’ହେଲେ କ’ଣ କରାଯାଇପାରିବ ?’**

**‘ସବୁ ଦଳରେ କିଛି ନା କିଛି କେଁ ରହିଛି, ଏହାର ପ୍ରଭାବ ୨୦୨୭ ପଞ୍ଚାୟତ ନିର୍ବାଚନରେ ହିଁ ସ୍ପଷ୍ଟ ହୋଇପାରିବ ।’**

**‘ଓଡ଼ିଶାର ରାଜନୀତିକ ସ୍ୱାସ୍ଥ୍ୟ ଭଲ ନାହିଁ, ରାଜନୀତିକ ଦୃଷ୍ଟିକୋଣରୁ ସବୁ ଦଳ ଅସୁସ୍ଥ ଓ ଅସୁରକ୍ଷିତ ।’**

**‘ଭବିଷ୍ୟତର ରୋଡ଼ମ୍ୟାପ୍ କେଉଁ ଦଳ ପ୍ରସ୍ତୁତ କରିନାହାନ୍ତି’**

**‘ମୁଁ ବ୍ୟକ୍ତିଗତ ଭାବେ ଦଳ ଗଢ଼ିବା ଅବସ୍ଥାରେ ନାହିଁ’**

**‘ଅରବିନ୍ଦଙ୍କୁ କାହିଁକି ନିଲମ୍ବନ କରାଗଲା? ସେ ପ୍ରଶ୍ନର ଉତ୍ତର ଆସିଲାନି’**

**ଆପଣଙ୍କର ରାଜନୀତିକ ସ୍ୱାସ୍ଥ୍ୟ ଆଉ ରାଜ୍ୟର ରାଜନୀତିକ ସ୍ୱାସ୍ଥ୍ୟ କେମିତି ଅଛି ?**

**ବିଜୟ:** ମୋର ରାଜନୀତିକ ସ୍ୱାସ୍ଥ୍ୟ ଖୁବ୍ ଭଲ ଅଛି । ହେଲେ ଓଡ଼ିଶାର ରାଜନୀତିକ ସ୍ୱାସ୍ଥ୍ୟ ଭଲ ନାହିଁ । ରାଜନୀତିକ ଦୃଷ୍ଟିକୋଣରୁ ସବୁ ଦଳଗୁଡ଼ିକ ଅସୁସ୍ଥ । ନେତାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି, ଅନିଶ୍ଚିତତା ସୃଷ୍ଟିହୋଇଛି । ତେଣୁ ଭବିଷ୍ୟତକୁ କଳନା କରିବା ଟିକେ କଷ୍ଟକର ହେଉଛି । କେହି ଭବିଷ୍ୟତର ରୋଡ଼ ମ୍ୟାପ କରିନାହାନ୍ତି । ଫଳରେ ଓଡ଼ିଶାର ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି ।

**ବିଜେଡ଼ି, ବିଜେପି ଓ କଂଗ୍ରେସର ରାଜନୀତିକୁ ଆପଣ କିଭଳି ଅନୁଶୀଳନ କରୁଛନ୍ତି ?**

**ବିଜୟ:** ରାଜନୀତିକ ଆଭିମୁଖ୍ୟ କାହାର ବି ସ୍ପଷ୍ଟ ନୁହେଁ । ମୁଁ ଓଡ଼ିଶାର ରାଜନୀତିକୁ ପଚାଶ ଷାଠିଏ ବର୍ଷ ଧରି ଦେଖିକି ଆସିଛି । ବହୁ ନିର୍ବାଚନ ଲଢ଼ିଛି, ବହୁ ନିର୍ବାଚନ ହାରିଛି । ବିଜୁ ପଟ୍ଟନାୟକଙ୍କୁ ଆଉ ଥରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ୩୦ ବର୍ଷ ଲାଗି ଯାଇଥିଲା । କିନ୍ତୁ ସେଇଟା ମାପକାଠି ନୁହେଁ । ମାପକାଠି ହେଉଛି ଲୋକେ ତମ ସହ କେତେ ପରିମାଣର ଅଛନ୍ତି । ଲୋକେ କେତେ ଭଲ ପାଉଛନ୍ତି, କେତେ ସମର୍ଥନ କରୁଛନ୍ତି । ଏବେ କିନ୍ତୁ ଲୋକେ ଦ୍ୱନ୍ଦ୍ୱରେ ଅଛନ୍ତି । ରାଜନୀତିକ ଦଳଗୁଡ଼ିକ ବି ଦ୍ୱନ୍ଦ୍ୱରେ ରହିଛନ୍ତି । ଆସନ୍ତା କିଛି ମାସ ଭିତରେ ଓଡ଼ିଶାର ରାଜନୀତିକ ଚିତ୍ର ସ୍ପଷ୍ଟ ହୋଇଯିବ ।

**କେବେ ସୁଦ୍ଧା ରାଜ୍ୟ ରାଜନୈତିକ ଚିତ୍ର ସ୍ପଷ୍ଟ ହେବ ?**

**ବିଜୟ:** ରାଜ୍ୟସଭା ନିର୍ବାଚନ ଓ ପରବର୍ତ୍ତୀ ସମୟରେ ରାଜନୀତିକ ଦଳଗୁଡ଼ିକର ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତିରୁ ଅନେକ ଚିତ୍ର ସ୍ପଷ୍ଟ ହୋଇଯିବ । ତେବେ ୨୦୨୭ ବେଳକୁ ରାଜନୀତିକ ଚିତ୍ର ଏତେ ସ୍ପଷ୍ଟ ହୋଇଯାଇଥିବ, ଯେଉଁଥିରେ ନିଷ୍ପତ୍ତି ନେବାକୁ ଅସୁବିଧା ରହିବ ନାହିଁ ।

**ଚର୍ଚ୍ଚା ହେଉଛି, ବିଜୟ ବାବୁ କିଛି ଖେଳ କରୁଛନ୍ତି ?**

**ବିଜୟ:** ସବୁ ରାଜନୀତିକ ଦଳର ନେତାଙ୍କ ସହ ଦୀର୍ଘଦିନ ଧରି ମୋର ସମ୍ପର୍କ ରହିଛି । ସାମାଜିକ ସମ୍ପର୍କ ସବୁ ନେତାଙ୍କ ସହ ଅଛି । ନେତା ଆସୁଛନ୍ତି, କଥା ହେଉଛନ୍ତି । ତେଣୁ ବିଜୟ ବାବୁ ଦଳ କରିବାକୁ ଚାହୁଁଛନ୍ତି ବୋଲି ଚର୍ଚ୍ଚା ହେଉଛି । ମୁଁ ବ୍ୟକ୍ତିଗତ ଭାବେ ଦଳ କରିବା ଅବସ୍ଥାରେ ନାହିଁ । କିନ୍ତୁ ଆଗକୁ ରାଜନୀତିକ ଚିତ୍ର ବା ସମୟ କି ପରିସ୍ଥିତି ସୃଷ୍ଟିକରିବ, ତାହା ଉପରେ ଅନେକ କିଛି ନିର୍ଭର କରିବ ।

**ଯେଉଁ ସମୟରେ ସବୁ ବିଧାୟକ ଓ ନେତାଙ୍କୁ ନେଇ ବିରୋଧୀ ଦଳ ଚାଲିବା କଥା ସେହି ସମୟରେ ବିଜେଡ଼ି ଦୁଇ ବିଧାୟକଙ୍କୁ ନିଲମ୍ବିତ କରିଛି । ବିରୋଧୀ ଦଳ ଏଭଳି ସମୟରେ ଏମିତି ନିଷ୍ପତ୍ତି ନେବା ଉଚିତ୍ କି ?**

**ବିଜୟ:** ବିରୋଧୀ ଦଳର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ବିରୋଧୀ ଦଳ ଠିକ୍ ଭାବେ ନିଜର କାମ କରିପାରୁନାହାନ୍ତି । ବିରୋଧୀ ଦଳର ନେତାମାନେ ବି ସ୍ୱୀକାର କରୁଛନ୍ତି । ବିରୋଧୀ ଦଳରେ ଅସନ୍ତୋଷ ନଥିଲେ ପାଞ୍ଚ ଛଅ ସ୍ଥାନରେ ଦଳଗତ ବୈଠକ କାହିଁକି ହେଉଥା’ନ୍ତା । ଦଳମାନେ ରୋଡ଼ମ୍ୟାପ୍ କରିପାରୁନାହାନ୍ତି । ସ୍ଥିର ନିଷ୍ପତ୍ତି କେହି ନେଇପାରୁନାହାନ୍ତି ।

**ଅରବିନ୍ଦଙ୍କ ନିଲମ୍ବନ ଆପଣଙ୍କୁ ଝଟକା ଲାଗିଥିଲା କି ? ଅରବିନ୍ଦଙ୍କ ନିଲମ୍ବନକୁ ନେଇ ପାଟକୁରାରୁ ଭୁବନେଶ୍ୱର ଯାଏଁ ପ୍ରତିକ୍ରିୟା ବି ପ୍ରକାଶ ପାଇଛି ।**

**ବିଜୟ:** ନିଲମ୍ବନ କରିବାର ଅଧିକାର ଦଳର ରହିଛି । ହେଲେ ନିଲମ୍ବନ କାହିଁକି କରାଗଲା, ସେ ପ୍ରଶ୍ନର ଉତ୍ତର ଆଜି ପର୍ଯ୍ୟନ୍ତ ଆସିପାରିଲା ନାହିଁ । ମୁଁ ବି କାରଣ ବୁଝିପାରୁନି । ଦୈନିକ ନୂଆ ନୂଆ ଅଭିଯୋଗ ଆସୁଛି । ଥରେ ଚାର୍ଜସିଟ୍ ଦିଆଯାଏ, କିନ୍ତୁ ଫାଇନାଲ୍ ଚାର୍ଜସିଟ୍ କୋର୍ଟଙ୍କୁ ବାରମ୍ବାର ଦିଆଯାଏନି । ତଦନ୍ତକାରୀ ଅଧିକାରୀମାନେ କିଛି ତଥ୍ୟ ପାଉନାହାନ୍ତି । ମୁଁ ଜାଣିପାରୁନି ଦୋଷ କ’ଣ ? ଆଜି ଗୋଟେ, କାଲି ଗୋଟେ, ପରଦିନ ଗୋଟେ ।

**ଅରବିନ୍ଦଙ୍କୁ କ’ଣ ପରାମର୍ଶ ଦେଇଛନ୍ତି ?**

**ବିଜୟ :** ଯେଉଁମାନେ ନିର୍ବାଚିତ କରିଛନ୍ତି ତାଙ୍କ ସେବା କରିବାକୁ ସମସ୍ତ ସମୟ ଦିଏ । ଅରବିନ୍ଦଙ୍କ ଭବିଷ୍ୟତକୁ ନେଇ ବି ମୁଁ କେବେ ଚିନ୍ତିତ ନୁହେଁ । ମୁଁ ନିରାଶବାଦୀ ନୁହେଁ, ସବୁବେଳେ ଆଶାବାଦୀ । ଅରବିନ୍ଦ ଆଦୌ କିଛି ଭୁଲ୍ କରିନାହାନ୍ତି । ଖାଲି ନିଲମ୍ବନ କରିଦେଲେ ହେବନି । କାରଣ ଦର୍ଶାଅ ନୋଟିସ୍ ଜାରି କରିବା କଥା । ଆଗକୁ ଦେଖିବାର ସାମର୍ଥ୍ୟ ଥିଲେ ଅରବିନ୍ଦକୁ ନିଲମ୍ବନ କରିନଥା’ନ୍ତେ । ନିଲମ୍ବନ କରି ଆହୁରି ଲୋକପ୍ରିୟ କରିଦେଲେ । ଲୋକଙ୍କ ପାଖରେ ଗ୍ରହଣୀୟତା ଓ ଅନୁକମ୍ପା ବଢ଼ିଛି ।

**ବିଜୟଙ୍କ ଦକ୍ଷତା ଓ ସାମର୍ଥ ତାଙ୍କୁ ଅକଳରେ ପକାଇ ଦେଇନି ତ ?**

**ବିଜୟ:** ହୋଇପାରେ । ବେଳେବେଳେ ଏମିତି ହୋଇଥାଏ । ଇତିହାସ, ପୁରାଣ ଓ ରାଜନୀତିରେ ଏମିତି ଘଟଣା ଘଟିଛି ।

ଗର୍ବିତ ଓଡ଼ିଆ

# ସପ୍ତଗିରିଙ୍କ ବନ୍ଧୁ ଆଦାନୀ !



ଆଜ୍ଞା 'ଗର୍ବିତ ଓଡ଼ିଆ' ଖବରକାଗଜ ଦେବା ପାଇଁ ଆମେ ଟିକେ କଂଗ୍ରେସ ଭବନ ଆଡ଼େ ମାଡ଼ି ଯାଇଥିଲୁ । ସେଇ ସମୟରେ କିଛି ଲୋକେ ଆଦାନୀ-ଅମ୍ବାନୀଙ୍କୁ ନେଇ ଚର୍ଚ୍ଚା କରୁଥିଲେ। ଆପଣ ତ ଜାଣନ୍ତି ଆଦାନୀ କି ଅମ୍ବାନୀଙ୍କ ନାଁ ଶୁଣିଲେ ରାହୁଲ ଗାନ୍ଧୀ କେମିତି ଡେଉଁଛନ୍ତି ? ପାର୍ଲାମେଣ୍ଟରେ ହେଉକି ମଞ୍ଚରେ, ଆଦାନୀ-ଅମ୍ବାନୀ-ମୋଦିଙ୍କ ଗାଳିରୁ ରାହୁଲଙ୍କ ଭାଷଣ ଆରମ୍ଭ ହେଉଛି। ସ୍ୱାଭାବିକ ଭାବେ କଂଗ୍ରେସ ଭବନରେ ଆଦାନୀ-ଅମ୍ବାନୀଙ୍କ ଚର୍ଚ୍ଚା ହେବା ସ୍ୱାଭାବିକ। ଜଣେ କଂଗ୍ରେସ କର୍ମୀ ଭୀଷଣ ଗାଳି ଦେଉଥିଲେ। କେମିତି ଆଦାନୀ ଏତେ ବଡ଼ ଧନୀ ହୋଇଗଲେ, ବିଜେପି ଶାସନକୁ ଆସିବା ପରେ ଆଦାନୀ କେମିତି ସାରା ଦେଶରେ ଭାଇରସ୍ ଭଳିଆ ମାଡ଼ି ଯାଇଛନ୍ତି ଏମିତି କେତେକଥା । ଆମେ ବି ଏସବୁ କଥାବାର୍ତ୍ତା କାନଡେରି ଶୁଣୁଥିଲୁ। ମିଡ଼ିଆ ବାଲା କେମିତି ବିକ୍ରି ହୋଇଛନ୍ତି ସେକଥା କହି ଆମକୁ ବି ଇଲେଇଡି କଲେ। ହଠାତ୍ ଆଉ ଜଣେ କଂଗ୍ରେସିଆ ଆସି କହିଲେ, ସେଣ୍ଟରରେ ସିନା ଆଦାନୀ କଂଗ୍ରେସର ଶତ୍ରୁ। ହେଲେ ରାଜ୍ୟରେ କୁଆଡ଼େ ଆଦାନୀ କଂଗ୍ରେସର ବନ୍ଧୁ। ଆମେ ଚକିତ ହୋଇ ଆଉ ଟିକେ ଉଖାରିବାରୁ କଂଗ୍ରେସିଆ ଯୁବନେତା ଜଣଙ୍କ କହିଲେ, ବୁଝିଲ ସାମ୍ବାଦିକ ଭାଇ, ଆପଣଙ୍କୁ କିଛି ଜଣାନାହିଁ। ଆଜିକା ଦିନରେ ରାହୁଲଙ୍କର ଖାସ୍ ଲୋକ ହେଉଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲାକା। ରାୟଗଡ଼ାର କାଶୀପୁରରେ ଆଦାନୀ ଗ୍ରୁପ୍ ୪୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ଗୋଟେ ବଡ଼ କାରଖାନା କରିବ। ସହଜେ ତ ରାୟଗଡ଼ା ଆଉ କୋରାପୁଟ୍ କଂଗ୍ରେସର ସମ୍ମାନ ରଖିଛନ୍ତି। ସପ୍ତଗିରି ରାଜ୍ୟର ଏକମାତ୍ର କଂଗ୍ରେସ ସାଂସଦ ଆଉ ସେପଟେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ହେଉଛନ୍ତି କଂଗ୍ରେସ ଏମଏଲଏମାନଙ୍କ ମୁଖିଆ । ସପ୍ତଗିରି ବାବୁ ଆଉ ରାମଚନ୍ଦ୍ର ବାବୁ କୁଆଡ଼େ ଆଦାନୀ ସାଙ୍ଗରେ ଭିତିରିଆ ସେଟିଂ କରିଦେଇଛନ୍ତି । ସେଇଥିପାଇଁ ଆଦାନୀର କାଶୀପୁର କାରଖାନାକୁ ନେଇ ସେମାନଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଛି। ନହେଲେ କେତେ ପ୍ରେସମିଟ୍ , କେତେ ଆନ୍ଦୋଳନ ହୁଅନ୍ତାଣି । ପିସିସି ମୁଖିଆ ଭକ୍ତ ଦାସ ପୁଣି ବେଦାନ୍ତକୁ ନେଇ କଳାହାଣ୍ଡିକୁ ଉଠାପକା କରି ପକାଉଥିଲେ । ଅବଶ୍ୟ ଏବେ ଆଉ ଭକ୍ତ ବେଦାନ୍ତ ବିରୋଧରେ ପଦୁଟିଏ କହୁନାହାନ୍ତି । ଏହା ପଛର ରହସ୍ୟ କ'ଣ ତାହା ମା' ଗଙ୍ଗେଇ ଜାଣନ୍ତି । ହେଲେ ଆଦାନୀଙ୍କୁ ରାହୁଲ ଗାଳି ଦେଉଥିବାବେଳେ ରାହୁଲଙ୍କ ଭକ୍ତ ସପ୍ତଗିରି ଆଉ କାଡ଼ାମ ବାବୁ ଆଦାନୀ ପ୍ରେମରେ ଉବୁଟୁବୁ ହେବା ଖବର କାନକୁ କାହିଁ ଭଲ ଶୁଭିଲାନି। ଅବଶ୍ୟ ଆଜିକାଲି କଂଗ୍ରେସରେ ତ ବାରଭାଇ ଆଖଡ଼ା। ସପ୍ତଗିରି ଆଉ କାଡ଼ାମ ବାବୁ ଆଦାନୀଠୁ ଭଲ ମାଲ୍ ପକେଇ ଚୁପ୍ ବସିଛନ୍ତି ନା ତାଙ୍କୁ ବଦନାମ୍ କରିବା ପାଇଁ ଏମିତି ଚର୍ଚ୍ଚା ହେଉଛି ତାହା ଆମକୁ ଜଣାନାହିଁ । କିନ୍ତୁ ନିଆଁ ନଥିଲେ ଧୂଆଁ କ'ଣ ବାହାରିବ ? ଅବଶ୍ୟ ଧିରେଧିରେ ଆଦାନୀ ଡିଲ୍‌ର ଅସଲ ରହସ୍ୟ ପଦାକୁ ଆସିବା ନିଶ୍ଚିତ ।

# ଯାଜପୁରରେ ରବିଙ୍କ ତେଜ

ଓଡିଶା ରାଜନୀତିରେ ଯାଜପୁରର ସ୍ୱତନ୍ତ୍ର ସ୍ଥାନ ରହିଛି। ଯାଜପୁର ନେତାଙ୍କର ବି ରାଜ୍ୟ ରାଜନୀତିରେ ଢେର କାଟ୍‌ତି । ସ୍ୱର୍ଗତ ଅଶୋକ ଦାସ, ସ୍ୱର୍ଗତ କଳ୍ପତରୁ ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଅମର ଶତପଥି, ପ୍ରଣବ ପ୍ରକାଶ ଦାସ, ପ୍ରୀତିରଂଜନ ଘଡେଇ, ପ୍ରମିଳା ମଲ୍ଲିକ, ଦେବାଶିଷ ନାୟକ ଏମିତି ଗଣିଲେ ଗଣି ଚାଲିଥିବେ । ହେଲେ ରାମଚନ୍ଦ୍ର ଶ୍ରମିକ ନେତା ଭାବେ ଚର୍ଚ୍ଚିତ ଥିବାବେଳେ ଅନ୍ୟମାନେ ବିଧାୟକ ଓ ମନ୍ତ୍ରୀ ଭାବେ ଚର୍ଚ୍ଚାରେ ରହୁଥିଲେ। ବିଗତ କିଛି ଦଶନ୍ଧିର ଯାଜପୁର ରାଜନୀତିକୁ ଦେଖିଲେ ସାଂସଦମାନଙ୍କର ସେମିତି କ୍ରେଜ୍ କି କାଟତି ନଥିଲା। ହେଲେ ଏବେ ଯାଜପୁରରେ ଓଲଟ ପବନ ବହୁଛି। ମାନେ ବିଧାୟକଙ୍କ ଭଳି ଏଠି ସାଂସଦଙ୍କ କ୍ରେଜ୍ ଦେଖିବାକୁ ମିଳୁଛି। ହିମାଂଶୁ ଶେଖର ସାହୁ, ଅମର ନାୟକଙ୍କ ଭଳି ଏବେ ଯାଜପୁର ରାଜନୀତିରେ ଚର୍ଚ୍ଚାରେ ଅଛନ୍ତି ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ।



୧୯୯୯ ରୁ ୨୦୨୪ ପର୍ଯ୍ୟନ୍ତ ଲଗାତାର ୨୫ ବର୍ଷ ଯାଜପୁରର ସାଂସଦ ପଦ ବିଜୁ ଜନତା ଦଳ ଅକ୍ତିଆରରେ ଥିଲା। ୧୯୯୯ରେ ଜଗନ୍ନାଥ ମଲ୍ଲିକ, ୨୦୦୪ ଓ ୨୦୦୯ରେ ମୋହନ ଜେନା, ୨୦୧୪ରେ ରୀତା ତରାଇ, ୨୦୧୯ରେ ଶର୍ମିଷ୍ଠା ସେଠୀ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଯାଜପୁର ବିଜେଡ଼ିର ଗଡ଼ ଥିବାବେଳେ ନବୀନ ପଟ୍ଟନାୟକଙ୍କର ହାୱା ବି ରହିଥିଲା। ଅବଶ୍ୟ ମୋହନ ଜେନା ଜଣେ ଦୃଢ଼ ସଂଗଠକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ତେବେ ସେ ଯାହାହେଉନା କାହିଁକି ଯାଜପୁର ରାଜନୀତିରେ ସାଂସଦମାନେ ସେତେ ଦବଦବା ଜାହିର କରିପାରୁନଥିଲେ । କାହିଁକିନା ନବୀନ ନିବାସରୁ ସାଂସଦଙ୍କ ପାଇଁ ଏକ ଅଲିଖିତ ନିର୍ଦ୍ଦେଶନାମା ଥିଲା। ସେମାନେ ସଭା ସମିତି ଯିବେ, ସାଂସଦ ପାଣ୍ଠି ବାଣ୍ଟିବେ ଓ ସଂସଦରେ ଦଳର ପକ୍ଷ ରଖିବେ। ହେଲେ ସଂଗଠନ କ୍ଷେତ୍ରରେ ବେଶୀ ମୁଣ୍ଡ ନଖେଳାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲା। କାହିଁକିନା ସେମିତି ହେଲେ ନିର୍ବାଚନମଣ୍ଡଳୀମାନଙ୍କରେ ବିଧାୟକ ଗୋଷ୍ଠୀ ବନାମ ସାଂସଦ ଗୋଷ୍ଠୀ ସୃଷ୍ଟି ହେବ। ଏହିସବୁ କାରଣରୁ ଯାଜପୁର ବିଜେଡ଼ି ସାଂସଦମାନଙ୍କୁ ସାଧାରଣ ଜନତାଙ୍କ ପାଖରେ ଦେଖିବାକୁ ମିଳୁନଥିଲା ।

କିନ୍ତୁ ୨୦୨୪ରେ ଓଡ଼ିଶାରେ ସରକାର ପରିବର୍ତ୍ତନ ହେବା ସହ ପ୍ରଥମ ଥର ଯାଜପୁରରେ ବିଜେପି ବାଜିମାତ୍ କରିଥିଲା। ବିଜେପିର ସାଂସଦ ଭାବେ ଡ଼. ରବୀନ୍ଦ୍ର ନାରାୟଣ ବେହେରା ବିଜୟ ହାସଲ କରିଛନ୍ତି । ନାସନାଲ ଇନଫର୍ମେଟିକସ ସେଣ୍ଟର (ଏନଆଇସି) ର ବରିଷ୍ଠ ନିର୍ଦ୍ଦେଶକ (ବୈଜ୍ଞାନିକ) ପଦରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିକୁ ଆସିଛନ୍ତି। କାମ କରିବାର ଦକ୍ଷତା ଓ ଯୋଶ୍ ବି ରହିଛି । ଗତ ନିର୍ବାଚନରେ ଶେଷ ରାଉଣ୍ଡରେ ରବୀନ୍ଦ୍ର ବିଜେଡ଼ିକୁ ଚକିତ କରି ବାଜିମାତ୍ କରିବା ପରେ ଦଳର ସଂଗଠନ ଓ ନିଜର ଲୋକପ୍ରିୟତା ବଢ଼ାଇବା ପାଇଁ ସେ ଖୁବ୍ ଦମରେ ଲାଗିପଡ଼ିଛନ୍ତି। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସେ ସ୍ୱରକୁ ଶାଣିତ କରିବା ସହ ବିଭିନ୍ନ ନିର୍ବାଚନମଣ୍ଡଳୀ ଘନଘନ ଗସ୍ତ କରୁଥିବା ଦେଖିବାକୁ ମିଳୁଛି। ସଂସଦୀୟ କ୍ଷେତ୍ରର ସମସ୍ତ ୭ ନିର୍ବାଚନମଣ୍ଡଳୀ ଗସ୍ତ କରି ଦଳୀୟ କାର୍ଯ୍ୟକ୍ରମ କରିବା ସହ ଅଞ୍ଚଳବାସୀଙ୍କ ସୁଖଦୁଃଖ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗିଦାରୀ ହେଉଛନ୍ତି। ତାଙ୍କ ନେତୃତ୍ୱରେ ଯାଜପୁର ରୋଡରୁ ଧାମରା ଭାୟା ବିରଜା କ୍ଷେତ୍ରକୁ ରେଳ ସଂଯୋଗର ବାଟ ଫିଟିପାରିଛି । ଏଥିସହ ରତ୍ନଗିରି ଠାରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର, କଳିଙ୍ଗନଗରରେ ଏୟାରପୋର୍ଟ ପ୍ରତିଷ୍ଠା, ବରୁହାଁରୁ ଆଳି ଭାୟା ବରୀ ରାସ୍ତାକୁ ଜାତୀୟ ରାଜପଥ କରିବା, ଯଯାତିକେଶରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଜାତୀୟ ଜଳପଥ-୫ ଦ୍ୱାରା ଜୋକଡିଆରୁ ପାରାଦ୍ୱୀପକୁ ସଂଯୋଗ କରି ଜଳପଥରେ ମାଲ ପରିବହନ କରାଇବା ଆଦି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଯାଜପୁରବାସୀ ଅନେକ ସମୟରେ ସାଂସଦଙ୍କୁ ନିଜ ପାଖରେ ପାଇପାରୁଥିବା ବେଳେ ଜିଲ୍ଲାର ମଧ୍ୟଭାଗରେ ଏକ କାର୍ଯ୍ୟାଳୟ ଖୋଲି ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ବି ପଦକ୍ଷେପ ନେଉଛନ୍ତି । ବିଗତ ଦିନର ସାଂସଦମାନଙ୍କ ଅପେକ୍ଷା ରବୀନ୍ଦ୍ରଙ୍କ ଏଭଳି କାର୍ଯ୍ୟ ତାଙ୍କର ଲୋକପ୍ରିୟତା ବୃଦ୍ଧିକରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ODIA WEEKLY ● GARVIT ODIA

# ତିର୍ତ୍ତୋଲ ବିଜେପି ଖୋଜୁଛି ଯୁବ ନେତୃତ୍ୱ

ଏକଦା ତିର୍ତ୍ତୋଲ ରାଜ୍ୟରେ ହାଇଭୋଲଟେଜ୍ ବିଧାନସଭା ନିର୍ବାଚନମଣ୍ଡଳୀ ଭାବେ ଖ୍ୟାତି ଅର୍ଜନ କରିଥିଲା । ଏହାଥିଲା ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ସେକାଳର ସୁପର ଚିଫ ମିନିଷ୍ଟର ବସନ୍ତ ବିଶ୍ୱାଳଙ୍କ ଗଡ଼ । ହେଲେ ୨୦୦୯ରୁ ତିର୍ତ୍ତୋଲ ବିଜେଡ଼ି କବଜାରେ ରହିଆସିଛି । ୨୦୦୯ରେ ରବୀନ୍ଦ୍ରନାଥ ଭୋଇ, ୨୦୧୪ରେ ରାଜଶ୍ରୀ ମଲ୍ଲିକ, ୨୦୧୯ରେ ବିଷ୍ଣୁଚରଣ ଦାସ, ୨୦୨୦ ଉପନିର୍ବାଚନରେ ବିଜୟ ଶଙ୍କର ଦାସ ବାଜିମାତ୍ କରିଥିବାବେଳେ ଏବେ ବିଧାୟକ ଅଛନ୍ତି ରମାକାନ୍ତ ଭୋଇ। ଆଗରୁ ସେ ବିଜେପିରେ ଥିବାବେଳେ ପରେ ରାଜନୀତିକ ଭବିଷ୍ୟତ ପାଇଁ ଶଙ୍ଖ ଫୁଙ୍କିଥିଲେ । ସବୁଠାରୁ ବଡ଼ କଥାଟି ହେଉଛି, ବିଜେଡ଼ି ପ୍ରତିଥର ନେତୃତ୍ୱ ପରିବର୍ତ୍ତନ କରିଆସୁଛି। ଅପରପକ୍ଷରେ ଗତଥର ବିଜେପିରୁ ଲଢ଼ିଥିବା ରାଜକିଶୋର ବେହେରା ପୂର୍ବରୁ କଂଗ୍ରେସ ନେତା ଭାବେ ଜଣାଶୁଣା ଥିଲେ ।

ସାମ୍ପ୍ରତିକ ସ୍ଥିତିକୁ ଅନୁଶୀଳନ କଲେ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ନିର୍ବାଚନମଣ୍ଡଳୀରେ ଦବଦବା ଜାହିର କରୁଛନ୍ତି । ଆଜିକା ଦିନରେ ବିଜେପି ଓ ବିଜେଡ଼ି ମଧ୍ୟରେ ଲଢ଼େଇ ହେଉଥିଲେବି ପ୍ରତିକୂଳ ସ୍ଥିତିରେ ଗତ ନିର୍ବାଚନରେ ସେ ପ୍ରାୟ ୫୩ ହଜାର ଭୋଟ୍ ପାଇଥିଲେ । ଯାହାକି ତାଙ୍କର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଉଛି ।

ତିର୍ତ୍ତୋଲରୁ ଦେବ ପ୍ରସାଦ ନାୟକ ଜିଲ୍ଲା ସଭାପତି ଥିବାରୁ କଂଗ୍ରେସ ଟିକେ ସଂଜୀବନୀ ପାଇଛି । ବିଜେଡିର ବିଧାୟକ ଥିଲେ ମଧ୍ୟ ଗୋଷ୍ଠୀକନ୍ଦଳ ଚରମସୀମାରେ ପହଁଚିଲାଣି । ରାଜଶ୍ରୀଙ୍କ ଗୋଷ୍ଠୀ, ବିଜୟ ଶଙ୍କର ଗୋଷ୍ଠୀ ଓ ରମାକାନ୍ତଙ୍କ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳୁଛି । ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ ବିଜେଡି ଜନ ପ୍ରତିନିଧି ଓ କର୍ମୀ ଏବେ ବିଜେପି ଆଡ଼କୁ ମୁହାଁଉଥିବା ଲକ୍ଷ୍ୟ କରାଯାଉଛି । ବିଜେପିର






ବିଧାୟକ ପ୍ରାର୍ଥୀ ଭାବେ ଦାୟିତ୍ୱ ପାଇଥିବା ରାଜ କିଶୋର ବେହେରା ପୂର୍ବରୁ କଂଗ୍ରେସରେ ଦୁଇ ଥର ପ୍ରାର୍ଥୀ ହୋଇ ପରାସ୍ତ ହେବା ପରେ ବିଜେପି ଟିକେଟରେ ଲଢ଼ି ପ୍ରତ୍ୟାଖ୍ୟାନ ହୋଇଛନ୍ତି । ୨୦୨୪ରେ ପାରାଦୀପ, ଜଗତସିଂହପୁରରେ ବିଜେପି ଜିତିଥିଲେବି ତିର୍ତ୍ତୋଲରେ ବିଜେଡ଼ି ତା'ର ଦବଦବା ଜାହିର କରିଥିଲା । ରାଜନୀତିକ ସମୀକ୍ଷକଙ୍କ ମତରେ ଶ୍ରୀଯୁକ୍ତ ବେହେରାଙ୍କ ମୂଳ ଘର ହେଉଛି ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ। ଯାହାଫଳରେ ତିର୍ତ୍ତୋଲବାସୀ ତାଙ୍କୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଏବେ ତିର୍ତ୍ତୋଲରେ ବିଜେପିକୁ ବଢ଼ିବା ପାଇଁ ସୁଯୋଗ ରହିଛି । ରାଜ୍ୟରେ ବିଜେପି ସରକାର ଗଢ଼ିବା ପରେ ଲୋକେ ବି ବିଜେଡ଼ି ଆଡ଼କୁ ମନ ବଳାଇ ସାରିଲେଣି । ବିଜେଡ଼ିର ଗୋଷ୍ଠୀକନ୍ଦଳ ଯୋଗୁଁ ଅନେକ ନେତା ଓ କର୍ମୀ ବିମୁଖ ହୋଇ ପଦ୍ମ ଧରିବାକୁ ଚାହୁଁଛନ୍ତି । ବିଜେପିର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଯୁବ ନେତୃତ୍ୱ ଉପରେ ଫୋକସ କରୁଛନ୍ତି । ବିଶେଷକରି ଜେନ୍-ଜି ଗ୍ରୁପକୁ ଆକର୍ଷିତ କରିବା ଭଳି ନେତାଙ୍କର ଆବଶ୍ୟକତା ରହିଛି । ଏଭଳି କ୍ଷେତ୍ରରେ ଡକ୍ଟର ପ୍ରକାଶ ଚନ୍ଦ୍ର ଦଳାଇଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସ୍ଥାନୀୟ ବିଜେପି ନେତାଙ୍କ କହିବାନୁଯାୟୀ, ପ୍ରକାଶ ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରୁ ଛାତ୍ର ରାଜନୀତି କରୁଥିଲେ । ୨୦୧୭ରେ ସେ ସରକାରୀ ଚାକିରୀ ଛାଡ଼ି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିରିଡ଼ି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକର ୬୧ ପଞ୍ଚାୟତରେ ସାଂଗଠନିକ କାର୍ଯ୍ୟ ଜାରି ରଖିଛନ୍ତି । ବିଜେପି ଯୁବ ମୋର୍ଚ୍ଚାରେ ବି ସେ କାମ କରିଥିଲେ। ବର୍ତ୍ତମାନ ସେ ଜିଲ୍ଲା ବିଜେପି ସମ୍ପାଦକ ଅଛନ୍ତି । ଗତଥର ବିଜେପି ଟିକେଟ ରେସରେ ସେ ଆଗରେ ଥିଲେବି ନିରାଶ ହୋଇଥିଲେ । ତଥାପିବି ସେ ଦବିନଯାଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ଜିତାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି । କଂଗ୍ରେସ ଓ ବିଜେଡିକୁ ଯୁବ ଚେହେରା ମିଳିଥିବା ବେଳେ ସରକାରୀ ଦଳ ବିଜେପି ଏଥର ଯୁବ ଚେହେରା ଉପରେ ଭରସା କରିବାର ଯଥେଷ୍ଟ ସମ୍ଭାବନା ରହିଛି ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

## କେବେ ସଭାପତି ପାଇବ ଖୋର୍ଦ୍ଧା ବିଜେଡ଼ି

ନବୀନ ଏବେ ସାଂଗଠନିକ ପୁନର୍ବିନ୍ୟାସ କରି ଚାଲିଛନ୍ତି । ହେଲେ ଏଯାଏଁ ଖୋର୍ଦ୍ଧାର ସଂଗଠନ ସଜାଡ଼ା ଯାଇ ପାରୁନାହିଁ। ଜିଲ୍ଲା ବିଜେଡ଼ି ଏବେ ସଭାପତିଟିଏ ପାଉନଥିବାରୁ ସଂଗଠନ ଆଗେଇ ପାରିନି । ସେପଟେ ବିଜେପି ଜିଲ୍ଲା ସଭାପତି ଚୟନ ସହ ଜିଲ୍ଲା ଟିମ୍ ଗଠନ କରିସାରିଲାଣି । ଏମିତିବି ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ମଙ୍ଗ ଧରିବାକୁ ନେତାଙ୍କ ଭିତରେ ବିବାଦ କି ଟଣାଓଟରା ବି ନାହିଁ । ତଥାପିବି ଅଟକି ରହିବାର କାରଣ କ'ଣ ? ତାହା ବୁଝା ପଡୁନାହିଁ । ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଓ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ରାଜ୍ୟ ଟିମ୍‌ରେ ରହିଛନ୍ତି । ମଝିରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ନଚେତ୍ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ବିଜେଡ଼ି ସଭାପତି କରିବାକୁ ଦଳ ଭିତରେ ମାନସମନ୍ଥନ ହେଉଥିଲା। କିଛି ନହେଲେ ମନ୍ମଥଙ୍କୁ ଦାୟିତ୍ୱ ଦେଇଦେଲେବି କାମ ଚଳିଯିବ । ମନ୍ମଥ ବି ସେଇଆ ଚାହୁଁଛନ୍ତି, ଦଳ ପକ୍ଷରୁ ପ୍ରତିଶ୍ରୁତି ବି ମିଳିଥିଲା । ମନ୍ମଥଙ୍କୁ ଦଳ ଦାୟିତ୍ୱ ଦେଉନଥିବାରୁ ସେ ବି ଖପ୍ପା ହୋଇ ଯାଇଛନ୍ତି । ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉଭୟ ପ୍ରଦୀପ ଓ ମନ୍ମଥ କଂଗ୍ରେସରୁ ଆସିଛନ୍ତି । ଦଳ ସହ ଦୀର୍ଘଦିନର ସମ୍ପର୍କ ନାହିଁ । ତେଣୁ ମୂଳ ବିଜେଡ଼ିର ଟାଣୁଆ ନେତାଙ୍କୁ ଖୋଜାଯାଉଛି । ଭଲ ନେତୃତ୍ୱ ମିଳୁନଥିବାରୁ ଖୋର୍ଦ୍ଧା ବିଜେଡ଼ି ସଭାପତି ନିଯୁକ୍ତି ହୋଇପାରୁନାହିଁ । ପଞ୍ଚାୟତ ନିର୍ବାଚନକୁ ଆଉ ମାତ୍ରେ ବର୍ଷେ ଥିବାବେଳେ ନବୀନ ଯେତେ ବିଳମ୍ବ କରିବେ ସଂଗଠନ ସେତେ ବିଗିଡ଼ିଯିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

## ସିଏମସି ବୈଠକରେ ଖଣ୍ଡଯୁଦ୍ଧ

କଟକ ମହାନଗର ନିଗମ ବୈଠକରେ ସବୁବେଳେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳୁଛି । ଅତୀତରେ ବି ଚେୟାର ଟେବୁଲ ଫୋପାଡ଼ା ଫିଙ୍ଗାର ନଜିର ରହିଛି । ବୈଠକରେ କେବେ ବିଜେପି ତ କେବେ କଂଗ୍ରେସ କର୍ପୋରେଟରମାନେ ସିଏମସି ଅଧିକାରୀ ଓ ମେୟର ସୁବାସ ସିଂଙ୍କୁ ଘେରୁଥିବା ଦେଖିବାକୁ ମିଳୁଛି । ଏମିତିବି କଟକର ଟାଣୁଆ ବିଜେଡ଼ି ନେତାଙ୍କ ସହ ସୁବାସଙ୍କର ଭଲ ସମ୍ପର୍କ ନାହିଁ । ବଟଂ ଦଳର କୋଷାଧ୍ୟକ୍ଷ ହୋଇଥିବାରୁ ସେ ପାଣ୍ଡିଆନଙ୍କର ଖାସ୍ ସହଯୋଗୀ ପାଲଟି ଯାଇଛନ୍ତି । ତେଣୁ ଦେବାଶିଷ ହୁଅନ୍ତୁ କି ପ୍ରଭାତ, ସେ କାହାକୁ ବି ଖାତିର କରୁନାହାନ୍ତି । ଯେଉଁଥିପାଇଁ କଂଗ୍ରେସ କି ବିଜେପି କର୍ପୋରେଟର ମେୟରଙ୍କ ଉପରେ ବର୍ଷୁଥିଲେବି ଅନେକ ବିଜେଡ଼ି କର୍ପୋରେଟର ଚୁପ୍ ହୋଇ ଦୃଶ୍ୟକୁ ଉପଭୋଗ କରୁଛନ୍ତି । ଆଉ ବର୍ଷକ ପରେ ସିଏମସିର ବି ନିର୍ବାଚନ ହେବ । ସରକାରରେ ଥିବାରୁ ବିଜେପି ନେତାମାନେ ଆଶାବାଦୀ ହୋଇଯାଇଛନ୍ତି । ତେବେ ବିଜେଡ଼ିର ସଂଗଠନ ମଜବୁତ୍ ଥିଲେବି ନେତାମାନେ ଛକାପଞ୍ଝା ଅବସ୍ଥାରେ ରହିଥିବାରୁ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଚର୍ଚ୍ଚା ହେଉଛି ।

# ଭବିଷ୍ୟତ ଚିନ୍ତାରେ ଅରିନ୍ଦମ


ଓଲିଉଡ଼ ଷ୍ଟାର ଅରିନ୍ଦମ ରାୟଙ୍କର ରାଜନୀତିକ ଭବିଷ୍ୟତ ଗତି କୁଆଡେ ? ୨୦୨୯ରେ ତାଙ୍କୁ ପୁଣି ବିଜେପି ସାଲେପୁରରୁ ଟିକେଟ୍ ଦେବ ତ ? ଯଦି ପ୍ରକାଶ ବେହେରା ପୁଣି ବିଜେପିକୁ ଯାଆନ୍ତି ତେବେ ଅରିନ୍ଦମ କେଉଁଠୁ ଟିକେଟ୍ ପାଇବେ ? ନା ବିଜେଡ଼ି ଭଳି ବିଜେପିରେ ବି ତାଙ୍କୁ ଅପଦସ୍ତ ହେବାକୁ ପଡ଼ିବ ? କଟକ ହେଉକି ସାଲେପୁର, ରାଜନୀତିକ ଅଳିନ୍ଦରେ ଏଭଳି ଚର୍ଚ୍ଚା ଜୋର୍ ଧରିଛି ।



ସାଲେପୁର ରାଜନୀତି ଆଗାମୀ ଦିନରେ ନୂଆ ମୋଡ଼ ନେବା ନିଶ୍ଚିତ । ପ୍ରକାଶ ବେହେରା ୨୦୧୯ରେ ବିଜେପି ଟିକେଟରେ ଲଢ଼ି ୭୦ ହଜାରରୁ ଅଧିକ ଭୋଟ୍ ପାଇଥିଲେ । ସେତେବେଳେ ସେ ବିଜେଡ଼ି ଯିବାକୁ ଚାହୁଁଥିଲେବି ନବୀନ ବାବୁ ନେଇନଥିଲେ। ତେଣୁ ନିର୍ବାଚନ ବେଳେ ବାଧ ହୋଇ ବିଜେପିକୁ ପଳାଇଥିଲେ । ଯଦି ୨୦୧୯ରେ ହାରିବା ପରେ ସେ ବିଜେପିରେ ଶେଷ ପର୍ଯ୍ୟନ୍ତ ଥାଆନ୍ତେ ହୁଏତ ଚବିଶରେ ସାଲେପୁରରୁ ବାଜିମାତ୍ କରିଥା'ନ୍ତେ। କିନ୍ତୁ ବିଜେଡ଼ିର ହାୱା ଦେଖି ସେ ନିର୍ବାଚନ ବେଳେ ଶଙ୍ଖ ଫୁଙ୍କିଲେ। ତାଙ୍କୁ ଦଳ ସାଲେପୁର ବଦଳରେ ବାରବାଟୀ-କଟକରୁ ଟିକେଟ୍ ଦେଇଥିଲା। ଇଚ୍ଛା ନଥିଲେବି ଲଢ଼ିବାକୁ ବାଧ ହୋଇଥିଲେ। ନିର୍ବାଚନରେ ତିନି ନମ୍ବରରେ ରହିବା ପରେ ପ୍ରକାଶ ବିଜେଡ଼ି ଛାଡ଼ି ଏବେ ବିଜେପିକୁ ଯିବା ପାଇଁ ଯୋଜନା କରୁଛନ୍ତି। ଏନେଇ କଥାବାର୍ତ୍ତା ବି ଶେଷ ପର୍ଯ୍ୟାୟରେ ପହଁଚିଥିବା କୁହାଯାଉଛି। ପ୍ରକାଶଙ୍କର ସାଲେପୁରରେ ଭଲ ଭୋଟ୍ ବ୍ୟାଙ୍କ ରହିଛି । ୨୦୦୯ରେ କମ୍ ଭୋଟ୍‌ରେ ହାରିଥିବା ପ୍ରକାଶ ୨୦୧୪ରେ କଂଗ୍ରେସ ଟିକେଟରେ ବାଜିମାତ୍ କରିଥିଲେ ।

ଇତିମଧ୍ୟରେ ସାଲେପୁରରେ ଅରିନ୍ଦମଙ୍କ ପ୍ରବେଶ ଘଟିସାରିଛି । ଗଲା ନିର୍ବାଚନରେ ଅକସ୍ମାତ ଟିକେଟ୍ ପାଇ ଅରିନ୍ଦମ ଭଲ ଭୋଟ୍ ଭିଡ଼ିଥିଲେ । ମାତ୍ର ୭ ହଜାର ଭୋଟରେ ସେ ହାରିଯିବା ପରେ ସାଲେପୁର ଉପରେ ଫୋକସ୍ କରିଥିଲେ। କିନ୍ତୁ ପ୍ରକାଶ ବେହେରାଙ୍କ ବିଜେପି ଆସିବା ଖବର ଅରିନ୍ଦମଙ୍କ ଶିବିରରେ ଛନକା ପୂରାଇ ଦେଇଛି। ଅରିନ୍ଦମ ହେଉଛନ୍ତି ପ୍ରଣବ ପ୍ରକାଶ ଦାସଙ୍କ ଭିଣୋଇ। ବବିଙ୍କର ବିଜେଡ଼ିରେ ପତିଆରା ନଥିବାବେଳେ ସେ ଶଙ୍ଖ ଫୁଙ୍କିଥିଲେ । ବବି ଦାସ ପାୱାରଫୁଲ ହେବାପରେ ସ୍ୱାଭାବିକ ଭାବେ ଅରିନ୍ଦମଙ୍କ ଆଶା ବଢ଼ିଯାଇଥିଲା । ହେଲେ ତାଙ୍କୁ ଟିକେଟ ମିଳିବା ତ ଦୂରର କଥା ନିଗମ ଖଣ୍ଡେ ବି ମିଳିଲାନି । ସିଦ୍ଧାନ୍ତ ମହାପାତ୍ର ଓ ଅନୁଭବ ମହାନ୍ତି ସାଂସଦ ହୋଇଥିବାବେଳେ ଅରିନ୍ଦମଙ୍କୁ ଖାଲି ହାତରେ ରହିବାକୁ ପଡ଼ିଥିଲା । ବିଜେଡ଼ି ପାଇଁ ଢେର ପ୍ରଚାର କରିଥିଲେବି କିଛି ଲାଭ ହୋଇନଥିଲା ।

୨୦୨୪ ନିର୍ବାଚନ ପୂର୍ବରୁ ଦେବାଶିଷ ସାମନ୍ତରାୟ ରାଜ୍ୟସଭାକୁ ଯିବା ପରେ ଅରିନ୍ଦମ ବାରବାଟୀ-କଟକ ଟିକେଟ ଉପରେ ଆଖି ପକାଇଥିଲେ । କିନ୍ତୁ ପାଣ୍ଡିଆନ୍ କିମ୍ବା ବବି ଗ୍ରୀନ୍ ସିଗନାଲ ନଦେବାରୁ ସେ ବିଜେପି ଯିବାକୁ ବାଧ ହୋଇଥିଲେ । ବିଜେପି ବି ତାଙ୍କୁ ଟିକେଟ୍ ଦେଇଥିଲା। ଏବେବି ସେ ବିଜେପିରେ ବେଶ୍ ସକ୍ରିୟ ଥିବାବେଳେ ବିଭିନ୍ନ ମନ୍ତ୍ରୀଙ୍କର ଡକରା ପାଇ ମହୋତ୍ସବ କାର୍ଯ୍ୟକ୍ରମମାନଙ୍କରେ ଯୋଗ ଦେଉଛନ୍ତି। ହେଲେ ପ୍ରକାଶ ଛନକା ତାଙ୍କୁ ଚିନ୍ତାରେ ପକାଇ ଦେଇଛି। ବିଜେପି ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। କାଲିକିକାଲି ପ୍ରକାଶ ପୁଣି ବିଜେପିକୁ ଫେରିଲେ ଅରିନ୍ଦମଙ୍କ ଉପରେ ଚଡ଼କ ପଡ଼ିବାର ଆଶଙ୍କା ରହିଛି। ଦେଖାଯାଉ ଅରିନ୍ଦମଙ୍କ ରାଜନୀତିକ ଭବିଷ୍ୟତ କେଉଁ ମୋଡ଼ ନେଉଛି ?




[redacted]

# ବବି ଫାଷ୍ଟ ଚଏସ୍

ଆଗରୁ ରାଜନୀତି ହେଉକି ବିପ୍ଳବ, ରାସ୍ତାରେ ନହେଲେ କାନ୍ଥରେ ହିଁ ହେଉଥିଲା । କାନ୍ଥରେ ଢେବା ଢେବା ଅକ୍ଷରରେ ସ୍ଲୋଗାନ ଓ ରାଜରାସ୍ତାରେ ଆନ୍ଦୋଳନ ହିଁ ସଫଳତା ଆଡ଼କୁ ବାଟ କଢ଼ାଉଥିଲା । ଏବେ ତ ଫେସବୁକ୍ କାନ୍ଥରେ ହିଁ ରାଜନୀତି ଆଉ ବିପ୍ଳବ ହେଉଛି। ଗଦାଗଦା ସର୍ଭେ ବି ହେଉଛି। ୱାରରୁମ୍ ବାଲାଏ ଏଇ ଫେସବୁକ ଦେଖିକି ଲୋକଙ୍କ ପଲ୍‌ସ ମାପୁଛନ୍ତି। ଆମେ କିଆଁ ପଛରେ ପଡ଼ିବୁ ? ଗର୍ବିତ ଓଡ଼ିଆ ପକ୍ଷରୁ ଆମେ ବି ରାଜ୍ୟସଭା ନିର୍ବାଚନକୁ ନେଇ ଏକ ସର୍ଭେ କରିଥିଲୁ। କାହାକୁ ବିଜେଡ଼ି ରାଜ୍ୟସଭା ପ୍ରାର୍ଥୀ କଲେ ଭଲ ହେବ ? ପ୍ରଣବ ପ୍ରକାଶ ଦାସ, ସୁଜାତା କାର୍ତ୍ତିକେୟନ, ଦେବୀ ପ୍ରସାଦ ମିଶ୍ର, ସଂଜୟ ଦାସବର୍ମା, ସଂତୃପ୍ତ ମିଶ୍ର ଏମିତି ଅନେକ ନାଁକୁ ତାଲିକାରେ ରଖାଯାଇଥିଲା। ସର୍ଭେ ରିପୋର୍ଟରେ ବବିଙ୍କ ସପକ୍ଷରେ ଆସିଲା ୫୭% ମତ। ତାଙ୍କ ପଛକୁ ରହିଥିଲେ ସୁଜାତା, ଯାହାଙ୍କୁ ମିଳିଥିଲା ୧୮% । ଦେବୀ ମିଶ୍ରଙ୍କୁ ବି ୬% ଲୋକେ ଚାହୁଁଥିଲେ। ସର୍ଭେରେ ହଜାର ହଜାର ଲୋକ ନିଜର ମତ ଦେଇଥିଲେ । ଆଉ ସେମାନଙ୍କ ମଧ୍ୟରୁ ୯୦% ହେଉଛନ୍ତି ବିଜେଡ଼ି କର୍ମୀ । ଅତଏବ ବବିଙ୍କୁ ହିଁ ରାଜ୍ୟସଭା ପଠାଇବା ଉଚିତ୍ ବୋଲି ଅନେକ ଭାବୁଛନ୍ତି। ଅବଶ୍ୟ ଲୁଲୁ ମହାପାତ୍ରଙ୍କ ଫଣ୍ଡା ଆପଣାଇ ବବି ଦାସ ଦିଲ୍ଲୀ ଯିବାକୁ କୁନ୍ଥକୁନ୍ଥ ହେଉଛନ୍ତି। କିନ୍ତୁ ତାଙ୍କ ସମର୍ଥକମାନେ ନଛୋଡ଼ବନ୍ଧା । ରାଜ୍ୟସଭା ନିର୍ବାଚନ ପତିଆରା ଆଉ ସମ୍ମାନର ପ୍ରଶ୍ନ । ନବୀନ ଯେଉଁ ନେତାଙ୍କୁ ଦିଲ୍ଲୀ ପଠାଇବେ ସେ ବେଶ୍ ପାୱାରଫୁଲ୍ ହେବେ । ଏମିତିକି ବବି ଦାସ ରାଜ୍ୟସଭା ଗଲେ ବିଜେଡ଼ିର ରାଜ୍ୟସଭା ସଂସଦୀୟ ଦଳର ନେତା ବି ହେବେ। ଫଳରେ ତାଙ୍କର ପାୱାର ଆହୁରି ବଢ଼ିଯିବ । ଦେଖାଯାଉ ନବୀନ ବାବୁ କି ନିଷ୍ପତ୍ତି ନେଉଛନ୍ତି ?

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

## ପରମ୍ପରା ଭାଙ୍ଗିଲେ ବାମପନ୍ଥୀ

# ଅଚ୍ୟୁତାନନ୍ଦନଙ୍କ ପଦ୍ମ ବିଭୂଷଣକୁ ସ୍ୱୀକାର



ଚଳିତ ବର୍ଷ କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇ(ଏମ୍)ର ବରିଷ୍ଠ ନେତା ଦିବଙ୍ଗତ ଭି.ଏସ୍. ଅଚ୍ୟୁତାନନ୍ଦନଙ୍କୁ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯାଇଛି । ଏହାକୁ ସ୍ୱୀକାର ପାଇଁ ତାଙ୍କ ପରିବାର ଓ ବାମପନ୍ଥୀ ଦଳ ସହମତ ହୋଇଛନ୍ତି । ଯାହା ଦଳର ଦୀର୍ଘଦିନର ପରମ୍ପରାର ବ୍ୟତିକ୍ରମ ।

ପୂର୍ବରୁ ବାମପନ୍ଥୀ ଦଳ ଏପରି ରାଷ୍ଟ୍ରୀୟ ସମ୍ମାନକୁ ସର୍ବଦା ପ୍ରତ୍ୟାଖ୍ୟାନ କରିଆସୁଥିଲା । ଉଦାହରଣ ସ୍ୱରୂପ; ଜ୍ୟୋତି ବସୁଙ୍କୁ ଭାରତ ରତ୍ନ, ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କୁ ପଦ୍ମ ଭୂଷଣ ଓ ଇଏମ୍ଏସ୍. ନମ୍ବୁଡଦିରିପାଦଙ୍କୁ ପଦ୍ମ ବିଭୂଷଣ ପ୍ରଦାନର ପ୍ରସ୍ତାବକୁ ଦଳ ଖାରଜ କରିଥିଲା । କାରଣ, ବାମପନ୍ଥୀ ମତବାଦ ଅନୁଯାୟୀ ଏହି ସମ୍ମାନଗୁଡ଼ିକ ଶାସକବର୍ଗର ସ୍ୱୀକୃତି ଓ ବ୍ୟକ୍ତିଗତ ଗୌରବର ପ୍ରତୀକ, ଯାହା କମ୍ୟୁନିଷ୍ଟମାନଙ୍କର ସାମାଜିକ ପରିବର୍ତ୍ତନର ସଂଘର୍ଷ ସହିତ ମେଳ ଖାଉ ନାହିଁ ।

କିନ୍ତୁ ଏଥର ଏହି ପରିବର୍ତ୍ତନ । ଏହାର ମୂଳ କାରଣ ହେଉଛି କେରଳର ରାଜନୈତିକ ପରିସ୍ଥିତି । ୨୦୨୬ରେ କେରଳ ବିଧାନସଭା ନିର୍ବାଚନ ଆସୁଛି । ବାମପନ୍ଥୀ ନେତୃତ୍ୱାଧୀନ ଏଲ୍ଡିଏଫ୍‌ର ଭୋଟ୍ ହାର କ୍ରମଶଃ ହ୍ରାସ ପାଉଛି । ୨୦୨୧ ନିର୍ବାଚନରେ ଏଲ୍ଡିଏଫ୍ ୪୫.୪୩% ଭୋଟ୍ ପାଇ କ୍ଷମତାରେ ଥିଲା । କିନ୍ତୁ ସମ୍ପ୍ରତି ସ୍ଥାନୀୟ ନିର୍ବାଚନରେ ଏହାର ଭୋଟ୍ ହାର ୩୩-୩୫%କୁ ଖସି ଆସିଛି ।

କଂଗ୍ରେସ ନେତୃତ୍ୱାଧୀନ ଇଉଡିଏଫ୍‌ର ଭୋଟ୍ ହାର ୩୮-୪୦% ହୋଇଛି, ଯାହା ଏଲ୍ଡିଏଫ୍ ପାଇଁ ବଡ଼ ଚ୍ୟାଲେଞ୍ଜ । ସରକାର ବିରୋଧୀ ଭାବନା, ଅର୍ଥନୈତିକ ସଙ୍କଟ, ଭ୍ରଷ୍ଟାଚାର ଅଭିଯୋଗ ଓ ଯୁବକଙ୍କ ମଧ୍ୟରେ ଅସନ୍ତୋଷ ଦଳର ଆଧାରକୁ ଦୁର୍ବଳ କରିଛି । ଏହି ପରିପ୍ରେକ୍ଷୀରେ ଦଳ ନିଜର ଲୋକପ୍ରିୟତା ବଜାୟ ରଖିବା ପାଇଁ ନୂଆ ରଣନୀତି ଅବଲମ୍ବନ କରୁଛି ।

ଭି.ଏସ୍. ଅଚ୍ୟୁତାନନ୍ଦନ କେରଳର ଜଣେ ଜନପ୍ରିୟ ନେତା ଥିଲେ । ତାଙ୍କର ସରଳତା, ଭ୍ରଷ୍ଟାଚାର ବିରୋଧୀ ସ୍ୱର ଓ ଜନସାଧାରଣର ସମସ୍ୟା ପ୍ରତି ସମର୍ପଣ ତାଙ୍କୁ ଏକ ଆଦର୍ଶ କରିଥିଲା । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ସହିତ ତାଙ୍କର ମତଭେଦ ଥିଲା । କିନ୍ତୁ ଏହି ସମ୍ମାନ ସ୍ୱୀକାର ଦ୍ୱାରା ଦଳ ନିଜର ଐତିହ୍ୟକୁ ସମ୍ମାନ ଦେବାର ବାର୍ତ୍ତା ଦେଉଛି ।

ଏହା ଭୋଟରଙ୍କୁ ଆକର୍ଷିତ କରିବାର ଏକ ରଣନୀତି ହୋଇପାରେ । ବିଶେଷକରି ଯେତେବେଳେ ଦଳ ବିଲୁପ୍ତିର ସମ୍ମୁଖୀନ ହେଉଛି । ସ୍ଥାନୀୟ ନିର୍ବାଚନର ଫଳାଫଳ ଦର୍ଶାଉଛିଯେ, ଏଲ୍ଡିଏଫ୍‌ର ଆଧାର କ୍ଷୟ ହେଉଛି ଏବଂ ବିଜେପିର ଉଦୟ ମଧ୍ୟ ଏକ ବିପଦ । ଏହି ସମ୍ମାନ ସ୍ୱୀକାର ଦଳର ନରମ ଛବି ପ୍ରଦର୍ଶନ କରି ଭୋଟ୍ ବ୍ୟାଙ୍କକୁ ସୁଦୃଢ଼ କରିବାର ପ୍ରୟାସ ହୋଇପାରେ । ତଥାପି, ଏହା ଦଳର ଆଦର୍ଶରୁ ବିଚ୍ୟୁତି ବୋଲି କେତେକ ସମାଲୋଚନା କରୁଛନ୍ତି । କିନ୍ତୁ ରାଜନୀତିରେ ପରିବର୍ତ୍ତନ ଅନିବାର୍ଯ୍ୟ । ଏହି ନିଷ୍ପତ୍ତି ୨୦୨୬ ନିର୍ବାଚନରେ ବାମପନ୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ କି ନାହିଁ, ଏହା ସମୟ କହିବ ।

**ଚିତ୍ତରଞ୍ଜନ ମହାନ୍ତି, ଗୋଧୂଳି ଲେନ୍, ଦେଉଳ ସାହି, ତୁଳସୀପୁର, କଟକ**

# ନିଗମକୁ ଅପେକ୍ଷା କରିଛନ୍ତି ସମୀର

ନିମାପଡ଼ାରେ ସମୀର ରଞ୍ଜନ ଦାସ ଓ ପ୍ରଭାତୀ ପରିଡ଼ାଙ୍କ ମଧ୍ୟରେ ଆରମ୍ଭ ହୋଇଗଲାଣି ସମ୍ମୁଖ ଯୁଦ୍ଧ । ନିର୍ବାଚନ ବେଳେ ସମୀର-ପ୍ରଭାତୀ ଏକାଠି ହୋଇ ବିଜେପି ପାଇଁ ପ୍ରଚାର କରୁଥିଲେ । କିନ୍ତୁ ନିର୍ବାଚନ ପରେ ପ୍ରଭାତୀ ଉପମୁଖ୍ୟମନ୍ତ୍ରୀ ହୋଇଗଲେ । ପାୱାରଫୁଲ୍ ହୋଇଯିବାରୁ ସମୀରଙ୍କ ଚେର କଟା ପ୍ରକ୍ରିୟା ଆରମ୍ଭ ହୋଇଗଲା । ସମୀର ବି ପୋଖତ ରାଜନେତା । ସରପଞ୍ଚରୁ ସେ ମନ୍ତ୍ରୀ ହୋଇଛନ୍ତି । ତେଣୁ ପ୍ରଭାତୀଙ୍କୁ ଚେକ୍ ଦେବା ପାଇଁ ଏବେ ସେ ସଂଗଠନ ଜୋରଦାର କରୁଛନ୍ତି । ଖୋଲାମଞ୍ଚରେ ପ୍ରଭାତୀଙ୍କ ନାଁ ନନେଇ ବର୍ଷୁଛନ୍ତି । ସେ କ୍ଷମତାରେ ଥିବାବେଳେ ନିମାପଡ଼ା ପାଇଁ କ'ଣ କରିଛନ୍ତି ବୁଲିବୁଲି ତାହାର ହିସାବ ବି ଦେଉଛନ୍ତି । ଅପରପକ୍ଷରେ ସମୀରଙ୍କୁ ନିଲମ୍ବନ କରିବା ପାଇଁ ପୁରୀ ବିଜେପି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ସମୀରଙ୍କ କଟ୍ଟର ବିରୋଧୀ ଭାବେ ପରିଚିତ ସୁଶାନ୍ତ ସ୍ୱାଇଁ ଏବେ ଜିଲ୍ଲା ବିଜେପି ଶୃଙ୍ଖଳା କମିଟିର ସଚିବ ହୋଇଛନ୍ତି । ସମୀର କେଉଁଠି କିକି ପ୍ରକାର ଦଳ ବିରୋଧୀ କାମ କରୁଛନ୍ତି ତାହା ଏବେ ସୁଶାନ୍ତ ଟିପି ଚାଲିଛନ୍ତି । ଖୁବଶୀଘ୍ର ଜିଲ୍ଲା ବିଜେପି ପକ୍ଷରୁ ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରଭାତୀଙ୍କ ସମର୍ଥକମାନେ ଚର୍ଚ୍ଚା କରୁଛନ୍ତି । ଅପରପକ୍ଷରେ ସମୀର ବି ଧୈର୍ଯ୍ୟର ସହ ଗୋଟି ଚଳାଉଛନ୍ତି । ଆଗକୁ ନିଗମ ବଣ୍ଟାଯିବ । ପ୍ରତିଶ୍ରୁତି ଅନୁସାରେ ସମୀରଙ୍କୁ ନିଗମ ମିଳିବା କଥା । ଅବଶ୍ୟ ପୂର୍ବରୁ ମନ୍ତ୍ରୀ ହୋଇଥିବାରୁ ନିଗମ ତାଙ୍କ ପାଇଁ ବଡ଼ କଥା ନୁହେଁ । ହେଲେ ନିଗମ ପାଇଲେ ସେ ଦଳରେ ଦବଦବା ଜାହିର କରିପାରିବେ । ପ୍ରଭାତୀ-ସମୀରଙ୍କ ବିବାଦ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିଲେବି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତାହାକୁ ଗୁରୁତ୍ୱ ଦେଉନାହାନ୍ତି । ବୋଧହୁଏ ପ୍ରଭାତୀ ଏଥିପାଇଁ ଚାପ ପକାଉଛନ୍ତି । ତେବେ ସେ ଯାହାହେଉନା କାହିଁକି ସମୀରଙ୍କୁ ବିଜେପି ଯଦି ଗୁରୁତ୍ୱ ନଦେବ ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ ତାହାର ପ୍ରତିଶୋଧ ନେବେବୋଲି ସମୀରଙ୍କ ସମର୍ଥକମାନେ କହି ବୁଲୁଛନ୍ତି ।



ଗର୍ବିତ ଓଡ଼ିଆ

**କୋରାପୁଟ ବିଜେଡି ରାଜନୀତି**

# ଯୁବ ଓ ମହିଳା ମଙ୍ଗ ଧରିବେ କିଏ ?

ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ସୂଚନା ପରେ ରାଜ୍ୟର ତିନି ପ୍ରମୁଖ ଦଳରେ ତତ୍ପରତା ପ୍ରକାଶ ପାଇଛି । ସାଂଗଠନିକ ପୁନର୍ବିନ୍ୟାସ ବି ଚାଲିଛି । ବିଜେଡ଼ି ଦୀର୍ଘ ୨୪ ବର୍ଷ କ୍ଷମତାସୀନ ଥିବାବେଳେ ଏବେ ବିରୋଧୀ ଦଳରେ ରହିଛି । ରାଜ୍ୟ ସରକାରଙ୍କୁ ଘେରିବା ସହ ପତିଆରା ଜାହିର ପାଇଁ ସ୍ୱାଭାବିକ ଭାବେ ଦୃଢ ବିରୋଧୀ ନେତାଙ୍କର ଆବଶ୍ୟକତା ରହିଛି । ସେଥିପାଇଁ କୋରାପୁଟ ଜିଲ୍ଲାରେ ବିଜେଡ଼ିର ଛାମୁଆ ସଂଗଠନ ଯୁବ ଓ ମହିଳାର କିଏ ମଙ୍ଗ ଧରିବେ ତାହାକୁ ନେଇ ଚର୍ଚ୍ଚା ଜୋରଧରିଛି ।

ସମ୍ପ୍ରତି ବିଜେଡ଼ି ଅବିଭକ୍ତ କୋରାପୁଟ ଜିଲ୍ଲା ଉପରେ ବେଶୀ ଫୋକସ କରୁଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦୁଇଟି ଲୋକସଭା ସହ ୧୪ ବିଧାନସଭା କ୍ଷେତ୍ର ରହିଛି । ନବରଙ୍ଗପୁର ଲୋକସଭା ବିଜେପି ହାତରେ ଥିବାବେଳେ କୋରାପୁଟ ଲୋକସଭା କଂଗ୍ରେସ ହାତେଇଛି । ୧୪ ବିଧାନସଭାରୁ କଂଗ୍ରେସ ୭ ବିଧାନସଭା, ବିଜେପି ୬ ଓ ବିଜେଡ଼ି ଗୋଟିଏ ବିଧାନସଭା ଅକ୍ତିଆର କରିଛି । ତେଣୁ ବିଜେଡ଼ି ପାଇଁ ଏବେ ସାଂଗଠନିକ ଆହ୍ୱାନ ସୃଷ୍ଟି ହେବା ସ୍ୱାଭାବିକ । ଯୁବ ଛାତ୍ର ଓ ମହିଳା ସଂଗଠନ ସୁଦୃଢ଼ କରିବାକୁ ଦଳ ସେମିତି ନେତୃତ୍ୱ ଖୋଜୁଥିବା ଜାଣିବାକୁ ମିଳିଛି । କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ସଭାପତି ପାଇଁ ବର୍ତ୍ତମାନର ଯୁବ ବିଜେଡ଼ି ସଭାପତି ଲଲାଟରଞ୍ଜନ ସେଠି, ଏ. ସନ୍ତୋଷ ଦୋରା (ମୁନା ଦୋରା), ମୁନା ଦଳପତି, ଅମିତ ଅଗ୍ରୱାଲ ଓ ଲଇଛନ ଖରାଙ୍କ ନାମ ଚର୍ଚ୍ଚାରେ ରହିଛି । ସେହିପରି ମହିଳା ବିଜେଡ଼ି ସଭାପତି ପାଇଁ ସର୍ବାଗ୍ରେ ଅଛନ୍ତି ପୂର୍ବତନ ମନ୍ତ୍ରୀ ତଥା କୋଟପାଡ଼ର ପୂର୍ବତନ ବିଧାୟିକା ପଦ୍ମିନୀ ଦିଆନ, ବର୍ତ୍ତମାନର ସଭାପତି ପାର୍ବତୀ ମନ୍ତ୍ରି, ଲକ୍ଷ୍ମୀ ହଁତାଳ ପ୍ରମୁଖ ରେସ୍‌ରେ ରହିଛନ୍ତି ।






ଏସବୁ ଭିତରେ ଯୁବ ସଭାପତି ଦୌଡ଼ରେ ବେଶୀ ଚର୍ଚ୍ଚାରେ ଅଛନ୍ତି ଲଲାଟ । ବର୍ତ୍ତମାନ ସେ ଯୁବ ସଂଗଠନର ମଙ୍ଗ ଧରିଥିବାବେଳେ ସାଂଗଠନିକ ଦକ୍ଷତା ବି ରହିଛି । ସେହିପରି ବୋରିଗୁମ୍ମାର ଯୁବ ଆଇନଜୀବି ତଥା ଜିଲ୍ଲା ବିଜେଡ଼ିର ଯୁବ ସଂଗଠକ ଏ. ସନ୍ତୋଷ ଦୋରା (ମୁନା ଦୋରା) ଦୀର୍ଘ ୧୫ ବର୍ଷ ଧରି ଯୁବ ସଂଗଠନ ସହ ଜିଲ୍ଲା ବିଜେଡି ଦାୟିତ୍ୱରେ ନିଜର ଉପସ୍ଥିତି ଜାହିର କରିଛନ୍ତି । ମୁନା ନିଜର ଏକ ଶବବାହକ ଗାଡ଼ି ପ୍ରଦାନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତଃପ୍ରବୃତ୍ତ ଭାବେ ନିଜର ସେବା ଯୋଗାଇ ନିଜର ସ୍ୱତନ୍ତ୍ର ଉପସ୍ଥିତି ବଜାୟ ରଖିଛନ୍ତି । ସେହିପରି ଆଉ ଜଣେ ତୃଣମୂଳସ୍ତରୀୟ ସଂଗଠକ ମୁନା ଦଳପତି । ମୁନା ମଧ୍ୟ ଜିଲ୍ଲା ବିଜେଡ଼ିର ସାଂଗଠନିକ ପଦ ପଦବୀରେ ରହି ଆସିଛନ୍ତି । ଅମିତ ଅଗ୍ରୱାଲ ପୂର୍ବରୁ ଜିଲ୍ଲା ଯୁବ ବିଜେଡ଼ି ସଭାପତି ଥିବାବେଳେ ଗତ ପୌର ନିର୍ବାଚନରେ ସୁନାବେଡ଼ା ପୌର ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚନ ଲଢ଼ି ହେଲେ ଅତି କମ୍ ଭୋଟରେ ପରାଜିତ ହୋଇଥିଲେ । ସେପଟେ ମହିଳା ବିଜେଡ଼ି ସଭାପତି ପଦ ପାଇଁ ନାରୀନେତ୍ରୀଙ୍କ ମଧ୍ୟରେ ଏକ ପ୍ରକାର ଲମ୍ବା ରେସ । ଏହି ତାଲିକାରେ ସର୍ବାଗ୍ରେ ଅଛନ୍ତି ପୂର୍ବତନ ମନ୍ତ୍ରୀ ତଥା କୋଟପାଡର ପୂର୍ବତନ ବିଧାୟିକା ପଦ୍ମିନୀ ଦିଆନ । ପଦ୍ମିନୀ ରାଜ୍ୟ ବିଜୁ ମହିଳା ଜନତା ଦଳରେ ରହି ଜିଲ୍ଲାରେ ମହିଳା ସଂଗଠନକୁ ସୁଦୃଢ଼ କରୁଛନ୍ତି । ଏମିତିକି ପୁନର୍ବାର ସଭାପତି ପାଇଁ ମହିଳା ବିଜେଡ଼ି ସଭାପତି ଥିବା ପାର୍ବତୀ ମନ୍ତ୍ରି ମଧ୍ୟ ରିପିଟ ହେବାର ସମ୍ଭାବନା ରହିଛି । ପାର୍ବତୀ ଜିଲ୍ଲା ମହିଳା ସଂଗଠନ ସହ ଜିଲ୍ଲା ପରିଷଦ ଭାବେ ଲଢ଼ି ନିର୍ବାଚିତ ହୋଇଥିଲେ । ଏହି ତାଲିକାରେ ପୂର୍ବତନ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ ରେସରେ ଅଛନ୍ତି । ଏପରିକି ଲକ୍ଷ୍ମୀ ପୂର୍ବରୁ ନନ୍ଦପୁର ବ୍ଲକର ଅଧ୍ୟକ୍ଷା ଥିଲେ । ତେବେ ନବୀନ ବାବୁ କାହାକୁ ଦାୟିତ୍ୱ ଦେବେ ?

ଗର୍ବିତ ଓଡ଼ିଆ

# ଜ୍ୟୋତି ନଟଆଉଟ୍, ଶଶୀ ଆଉଟ୍

ଫେସବୁକିଆମାନେ ବିଜେଡ଼ିରୁ ଜ୍ୟୋତିଙ୍କୁ ଆଉଟ୍ କରିଦେଲେ । କିନ୍ତୁ ଅମ୍ପାୟାର ନବୀନ ବାବୁ କହିଲେ, ଜ୍ୟୋତି ନଟଆଉଟ୍, ଶଶୀ ଆଉଟ୍ । ସିମୁଳିଆ ରାଜନୀତିରେ ଏହା ଏବେ ଆଲୋଡ଼ନ ସୃଷ୍ଟିକରିଛି । ଜ୍ୟୋତି ପ୍ରକାଶଙ୍କ ବାପା ପର୍ଶୁରାମ ପାଣିଗ୍ରାହୀ ସିମୁଳିଆର ଜଣେ ଟାଣୁଆ ନେତା ଥିଲେ । ଚାରି ଚାରି ଥର ସେ ବିଧାନସଭା ଯାଇଛନ୍ତି । ୧୯୮୦ରୁ ୨୦୦୯ ଯାଏଁ ସିମୁଳିଆରେ ପଦ୍ମଲୋଚନ ପଣ୍ଡା ଆଉ ପର୍ଶୁରାମଙ୍କ ଭିତରେ ଜମାଣିଆ ଲଢ଼େଇ ହେଉଥିଲା । ବାପା ପରେ ପୁଅ ନ୍ୟାୟରେ, ପର୍ଶୁରାମଙ୍କ ପରେ ଜ୍ୟୋତି ପ୍ରକାଶ ସିମୁଳିଆ ବିଜେଡ଼ିର ମଙ୍ଗ ଧରିଥିଲେ । ଦି ଦି ଥର ସେ ବାଜିମାତ କରି ମନ୍ତ୍ରୀ ବି ହୋଇଥିଲେ । ହେଲେ ଗଲା ନିର୍ବାଚନରେ ସୋରରୁ ଆସି ସିମୁଳିଆ ଟିକେଟ୍ ହାତେଇ ନେଇଥିଲେ ସୁଭାସିନୀ ସାହୁ । ସେ ହେଉଛନ୍ତି ଶଶୀଙ୍କ ପତ୍ନୀ । ଶଶୀ ବି ପୂର୍ବରୁ ବିଜେପିରୁ ଲଢ଼ି ପରାସ୍ତ ହୋଇଥିଲେ । କିନ୍ତୁ ଶଶୀଙ୍କ ପତ୍ନୀଙ୍କୁ ହରାଇବା ପାଇଁ ଜ୍ୟୋତି ଖୁବ୍ ଦମ୍‌ରେ ଲାଗି ପଡ଼ିଥିଲେ । ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପଦ୍ମଲୋଚନ ପଛେ ଜିତନ୍ତୁ, ହେଲେ ଶଶୀ ହାରନ୍ତୁ ବୋଲି ସଂକଳ୍ପ ନେଇଥିଲେ ଜ୍ୟୋତି । ଏନେଇ ଶଶୀ ଯାଇ ନବୀନ ପଟ୍ଟନାୟକଙ୍କୁ ଫେରାଦ ହୋଇଥିଲେ । କିନ୍ତୁ କିଛି ଲାଭ ହୋଇନଥିଲା । ବର୍ଙ୍ଗ ସିମୁଳିଆରେ ସଭା କରି ଜ୍ୟୋତି, ସୁକାନ୍ତ ନାୟକ ପ୍ରମୁଖ ଶଶୀଙ୍କୁ ଉଡ଼ା ଚଢ଼େଇ ବୋଲି କହି ଇଲେଇତି କରିଥିଲେ । ସେପଟେ ବାଲେଶ୍ୱରର ହେଭିୱେଟ୍ ନେତା ରବୀନ୍ଦ୍ର ଜେନା ଏବେ ନିଜର ଏକ ଟିମ୍ ଗଠନ କରୁଛନ୍ତି । ସେହି ଟିମ୍‌ରେ କୁଆଡ଼େ ଶଶୀ ଅଛନ୍ତି ବୋଲି ନବୀନ ବାବୁ ଖବର ପାଇଲେ । ତେଣୁ ଶଶୀଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଆଉଟ୍ କରିଦେଇଛନ୍ତି । ଆଗକୁ ରବୀନ୍ଦ୍ର ଜେନାଙ୍କ ପାଳି ପଡ଼ିବ ବୋଲି ଚର୍ଚ୍ଚା ହେଉଛି । ଅବଶ୍ୟ ତା' ପୂର୍ବରୁ ରବୀନ୍ଦ୍ର ବିଜେପିକୁ ଯିବା ପାଇଁ ରେଡୀ ହୋଇସାରିଲେଣି । ଆଜ୍ଞା, ପୂର୍ବରୁ ବବିଙ୍କ ଭିଣୋଇ ଅରବିନ୍ଦ ରାୟ ବିଜେଡ଼ି ଛାଡ଼ି ବିଜେପିକୁ ଯାଇଥିଲେ । ଆଉ ଆଗକୁ ବବିଙ୍କ ଶ୍ୱଶୁର ପ୍ରତିମ ରବୀନ୍ଦ୍ର ବି ସେଇଆ କରିବେ । ଯାହାକୁ ନେଇ ବିଜେଡ଼ି ଅଳିନ୍ଦରେ ସରଗରମ ଚର୍ଚ୍ଚା ହେବା ସ୍ୱାଭାବିକ ।




**ନାରାୟଣପାଟଣା ରାଜନୀତି**

# କେଉଁ ପଟକୁ ଢଳିବେ ନାଚିକା ଲିଙ୍ଗା

କୋରାପୁଟରୁ ଶରତ ନାୟକଙ୍କ ରିପୋର୍ଟ : ବହୁ ଚର୍ଚ୍ଚିତ କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକର ଚାଷୀ ମୂଳିଆ ନେତା ନାଚିକା ଲିଙ୍ଗା ଏଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କି ଭୂମିକା ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର । ଦିନ ଥିଲା ନାରାୟଣପାଟଣା ସହିତ ବନ୍ଧୁଗାଁ ବ୍ଲକରେ ନାଚିକାଙ୍କ ଇସାରାରେ ସବୁ କିଛି ହେଉଥିଲା । ଏପରିକି ସେ ଯାହା ଚାହୁଁଥିଲେ ସେଇଆ ହେଉଥିଲା । ୨୦୦୨ ମସିହା ଠାରୁ ନାରାୟଣପାଟଣା ସହିତ ପରବର୍ତ୍ତୀ ସମୟରେ ବନ୍ଧୁଗାଁ ବ୍ଲକରେ ତାଙ୍କ ନେତୃତ୍ୱରେ ଚାଷୀ ମୂଳିଆ ସଂଘ ପରିଚାଳିତ ହେଉଥିବା ବେଳେ ତାଙ୍କ ବିନା ଇସାରାରେ ଗଛର ପତ୍ର ମଧ ହଲୁନଥିଲା । ତେବେ ୨୦୦୯ରେ ନାରାୟଣପାଟଣା ଥାନା ଆକ୍ରମଣ ଘଟଣା ପରେ ଶତାଧିକ ସଦସ୍ୟଙ୍କ ଗିରଫ ଓ ନାଚିକାଙ୍କ ଆତ୍ମଗୋପନ କରିଥିଲେ । ୨୦୧୪ରେ ଗିରଫ ହୋଇ ଜେଲ୍ ଯାଇଥିଲେ । ତାଙ୍କ ବିରୁଦ୍ଧରେ ଏକାଧିକ ମାମଲା ଥିବା ବେଳେ ସମସ୍ତ ମାମଲାରୁ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ଏପରିକି ସେ ଜେଲରେ ଥିବା ବେଳେ ଚାଷୀ ମୂଳିଆ ସଂଘର ସ୍ୱାଧୀନ ପ୍ରାର୍ଥୀ ଜୁରୋ ମାହୁକା ନିର୍ବାଚନ ଜିତିଥିଲେ । ସେହି ସମୟରେ ବିଜେଡି ଓ କଂଗ୍ରେସ ୧୪ /୧୪ ଆସନରେ ଜିଲ୍ଲା ପରିଷଦ ଜିତିଥିବା ବେଳେ ଚାଷୀ ମୂଳିଆ ସଂଘର ସଦସ୍ୟଙ୍କ ସମର୍ଥନରେ ବିଜୁ ଜନତା ଦଳ କୋରାପୁଟ ଜିଲ୍ଲା ପରିଷଦ ଅକ୍ତିଆର କରିଥିଲା ।



ସେହିପରି ୨୦୧୯ରେ ନାଚିକା ଜେଲରେ ଥିବା ବେଳେ ବିଧାୟକ ଭାବେ ପ୍ରତିଦ୍ୱନ୍ଦିତା କରିବାକୁ ଚାହିଁଥିଲେ ମଧ ନ୍ୟାୟ ଗତ ପ୍ରତିବନ୍ଧକ ଯୋଗୁଁ ଲଢିପାରିନଥିଲେ। ତେବେ ୨୦୨୦ ନଭେମ୍ବରରେ ସେ ସମସ୍ତ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ତେବେ ତାଙ୍କ ପତ୍ନୀ ଓ ବୋହୂ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ଅନ୍ୟ ପକ୍ଷରେ ୨୦୨୨ ଜିଲ୍ଲା ପରିଷଦ ନିର୍ବାଚନରେ ନାଚିକା ନାରାୟଣପାଟଣା ବ୍ଲକର ଥିବା ଏକମାତ୍ର ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ବିଜେଡି, କଂଗ୍ରେସ ଓ ବିଜେପି ଆଦି ପ୍ରାର୍ଥୀ ଦେଇଥିଲେ । ତେବେ ଏଠାରେ କଂଗ୍ରେସ ପ୍ରାର୍ଥୀ ବିଜୟ ଲାଭ କରିଥିବାବେଳେ ନାଚିକା ଦ୍ୱିତୀୟ ସ୍ଥାନରେ ରହିଥିଲେ । ସେହି ସମୟରେ ତୃତୀୟରେ ରହିଥିଲା ସେତେବେଳର ଶାସକ ବିଜେଡି ପ୍ରାର୍ଥୀ । ତେବେ ଆଗାମୀ ନିର୍ବାଚନରେ ବହୁ ଚର୍ଚ୍ଚିତ ନାରାୟଣପାଟଣା ବ୍ଲକରରେ ନାଚିକା ଲିଙ୍ଗା ପ୍ରାର୍ଥୀ ହେଉଛନ୍ତି ନା ତାଙ୍କ ପୁଅ କିମ୍ବା ବୋହୂଙ୍କୁ ପ୍ରାର୍ଥୀ କରାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି । ନାଚିକା କେଉଁ ଦଳ ଆଡ଼କୁ ଢଳୁଛନ୍ତି ତାହା ଉପରେ ରାଜନୀତିକ ସମୀକରଣ ନିର୍ଭର କରିବ ।

# କାହାର ହେବ କୋରାପୁଟ ଜିଲ୍ଲା ପରିଷଦ ?

**କୋରାପୁଟରୁ ଶରତ ନାୟକ**

୨୦୨୭ରେ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ସାରା ରାଜ୍ୟରେ ଭଲ ପଦର୍ଶନ କରିଥିଲା। ସେହିପରି କୋରାପୁଟ ଜିଲ୍ଲାରେ ମଧ ଜିଲ୍ଲା ପରିଷଦ ଗଠନ କରିଥିବାବେଳେ ବହୁ ସଂଖ୍ୟକ ପଞ୍ଚାୟତ ସମିତି ଅକ୍ତିଆର କରିଥିଲା। ବର୍ତ୍ତମାନ ସମୟ ବଦଳି ଯାଇଛି। ଶାସକ ବିଜେଡି ଏବେ ବିରୋଧୀ ଆସନରେ ଥିବା ବେଳେ ସେତେବେଳର ବିରୋଧୀ ବର୍ତ୍ତମାନ ଶାସନରେ। ସେହିପରି ସେତେବେଳେ ବିରୋଧୀ ଦଳର ଭୁମିକା ନିଭାଇଥିବା କଂଗ୍ରେସ ମଧ ଏବେ ଅନ୍ୟତମ ଦ୍ୱିତୀୟ ବିରୋଧୀ ଦଳରେ ରହିଛି। ସବୁଠାରୁ ବଡ଼ କଥାଟି ହେଉଛି କୋରାପୁଟ ଜିଲ୍ଲାରେ କଂଗ୍ରେସର ବି ବେଶ୍ ଦବଦବା ଅଛି।

ପରିବର୍ତ୍ତିତ ପରିସ୍ଥିତିରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତିନି ଦଳ ପାଇଁ ଶକ୍ତି ପରୀକ୍ଷା । ବିଶେଷକରି ଶାସକ ବିଜେପି ପାଇଁ ଆହ୍ୱାନ ସୃଷ୍ଟି କରିଛି। କାରଣ କୋରାପୁଟ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପ୍ରାୟତଃ କଂଗ୍ରେସ ପ୍ରାର୍ଥୀମାନେ ଭଲ ପ୍ରଦର୍ଶନ କରୁଥିଲେ। କିନ୍ତୁ ଗତ ସାଧାରଣ ନିର୍ବାଚନରେ କୋରାପୁଟ ଜିଲ୍ଲାରେ ପ୍ରଥମ ଥର ପର୍ବତରେ ପଦ୍ମ ଫୁଟିଛି। ଜିଲ୍ଲାର ଦୁଇଟି ବିଧାନସଭା ଆସନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀମାନେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏଥି ମଧରେ ଗୋଟିଏ କୋରାପୁଟ ଓ ଅନ୍ୟଟି କୋଟପାଡ଼। କୋରାପୁଟରେ ରଘୁରାମ ମାଛ ଓ କୋଟପାଡ଼ରେ ରୂପ ଭତ୍ରା ପଦ୍ମ ଦଳରୁ ପ୍ରଥମ ଥର ନିର୍ବାଚିତ ହୋଇଆସିଛନ୍ତି। ଅପରପକ୍ଷରେ ଜୟପୁରରୁ ତାରା ପ୍ରସାଦ ବାହିନୀପତି ୨୦୧୪ରୁ ଲଗାତର ଜିତି ଆସୁଥିବା ବେଳେ ପଟ୍ଟାଙ୍ଗିରୁ ରାମଚନ୍ଦ୍ର କାଡାମ୍ ଓ ଲକ୍ଷ୍ମୀପୁରରୁ ପବିତ୍ର ସାଉନ୍ତା ନିର୍ବାଚିତ ହୋଇଛନ୍ତି। ଯେତେବେଳେକି ବିଜେଡ଼ି ପୋଛି ହୋଇଯାଇଛି।

ସେହିପରି ୨୯ ଜିଲ୍ଲାପରିଷଦରୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ୧୬ଟି, କଂଗ୍ରେସକୁ ୧୨ ମିଳିଥିବା ବେଳେ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ। ଯାହା ଫଳରେ ବିଜେଡି ପରିଷଦ ଅକ୍ତିଆର କରିଥିଲା । ଖାଲି ସେତିକି ନୁହେଁ ଏଠାରୁ ଅନେକ ଥର ବିଜେଡି ପ୍ରାର୍ଥୀ ମାନେ ପରିଷଦ ଗଠନ କରିଛନ୍ତି।

ଶାସକ ବିଜେପି କୋରାପୁଟରେ କେତେ ଗ୍ରହଣୀୟ ହୋଇପାରିଛି ତାହାର ଉତ୍ତର ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମିଳିପାରିବ। ସେହିପରି ପ୍ରତି ନିର୍ବାଚନରେ ବିଜେଡ଼ି ୧୪ ପଞ୍ଚାୟତ ସମିତି ମଧ୍ୟରୁ ସଂଖ୍ୟାଧିକ ହାସଲ କରି ଆସୁଥିବା ବେଳେ ଅଧିକାଂଶ ସରପଞ୍ଚ ବିଜେଡି ସମର୍ଥିତ ଭାବେ ନିର୍ବାଚିତ ହେଉଥିଲେ। ୨୦୨୭ ନିର୍ବାଚନରେ ୩ ଦଳ ମଧରେ ବଳ କଷାକଷି ହେବାର ଥିବାବେଳେ ୩ ଜିଲ୍ଲା ସଭାପତି ଏବଂ ଦଳର ବିଧାୟକମାନଙ୍କ ପତିଆରା କେତେ ତାହା ତଉଲା ହେବ ।

# ବିଭୂତିଙ୍କ ଅଣ୍ଟା ଭାଙ୍ଗିଦେଲେ ବିଶ୍ୱ





ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ହେବା ପରେ ବିଶ୍ୱ ରଞ୍ଜନ ବଡ଼ଜେନାଙ୍କର ପାୱାର ବଢ଼ିଯାଇଛି । ଏମିତିକି ଅପରାଜିତାଙ୍କର ସେ ଅତ୍ୟନ୍ତ ଖାସ୍ ସହଯୋଗୀ ପାଲଟି ଯାଇଛନ୍ତି । ଗତ ନିର୍ବାଚନରେ ସୁର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ ବିଜେଡ଼ିକୁ ଚାଲିଯିବାରୁ ବିଭୂତି ବଳବନ୍ତରାୟଙ୍କୁ ସୁବିଧା ହୋଇଥିଲା । ଏବେ କିନ୍ତୁ ଜଟଣୀରେ ବିଭୂତି ଓ ମନ୍ମଥଙ୍କ ମଧରେ ଶୀତଳ ଯୁଦ୍ଧ ଚାଲିଥିବାରୁ ବିଜେପି ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟିହୋଇଛି । ଏହି ମଉକାରେ ଅପରାଜିତାଙ୍କୁ ଧରି ଜଟଣୀ ଉପରେ ଫୋକସ୍ କରୁଛନ୍ତି ବିଶ୍ୱ । ସାଂଗଠନିକ କ୍ଷମତା ପାଇଥିବାରୁ ଜିଲ୍ଲାରେ ବି ବିଶ୍ୱଙ୍କର ପତିଆରା ଦେଖିବାକୁ ମିଳୁଛି । ବିଡ଼ିଓ ହୁଅନ୍ତୁ କି ଜିଲ୍ଲାପାଳ, ସବୁଠି ବିଶ୍ୱଙ୍କର ହିଁ କଥା ରହୁଛି । ବିଶ୍ୱଙ୍କ ଦବଦବା ବଢୁଥିବାରୁ ସ୍ୱାଭାବିକ ଭାବେ ଚିନ୍ତାରେ ପଡ଼ି ଯାଇଥିଲେ ବିଭୂତି । ତଥାପିବି ବିଜେଡ଼ିର ସାଂଗଠନିକ ଶକ୍ତି ଓ ସହଯୋଗୀଙ୍କ ଆର୍ଥିକ ଶକ୍ତି ବିଭୂତିଙ୍କୁ ଆଶ୍ୱସ୍ତ କରି ରଖିଥିଲା । କିନ୍ତୁ ଏବେ ବିଭୂତିଙ୍କ ହାତରୁ ଉମାକାନ୍ତ ପଟ୍ଟନାୟକଙ୍କୁ ଛଡ଼ାଇ ନେଇଛନ୍ତି ବିଶ୍ୱ । ଉମାକାନ୍ତଙ୍କୁ ବିଶ୍ୱ ବିଜେପିରେ ସାମିଲ୍ କରିଦେବା ପରେ ବିଭୂତିଙ୍କ ଆର୍ଥିକ ଅଣ୍ଟା ଭାଙ୍ଗି ଯାଇଥିବା ଚର୍ଚ୍ଚା ହେଉଛି । ଉମାକାନ୍ତଙ୍କ ହାତରେ କିଛି ସ୍ଥାନରେ ଭୋଟ୍ ଥିବାବେଳେ ଆର୍ଥିକ ଶକ୍ତି ବି ରହିଛି । ଯାହାକି ବିଶ୍ୱଙ୍କୁ ବେଶ୍ ସହାୟକ ହେବ ବୋଲି ଜଟଣୀ ରାଜନୀତିରେ ଚର୍ଚ୍ଚା ହେଉଛି ।

# ଶଙ୍ଖପତି କଳିକେଶଙ୍କର ଜୟ ହେଉ


ଶୁଣ, ଶୁଣ, ଶୁଣ...

ଶଙ୍ଖପତି କଳିକେଶ ନାରାୟଣ ସିଂହଦେଓ ଆସୁଛନ୍ତି। ବଲାଙ୍ଗୀରରୁ ଦିବ୍ୟଶଙ୍କର ମିଶ୍ରଙ୍କ ଏହି ଡଗର ଡାକ ଭୁବନେଶ୍ୱରରେ ପହଁଚିବା ପରେ ବିଜେଡ଼ି ରାଜନୀତି ସରଗରମ ହୋଇଯାଇଛି । ହାଲକୁ ଦୁଇ ବିଧାୟକଙ୍କୁ ନିଲମ୍ବନ କରି ନବୀନ ଶୃଙ୍ଖଳାର ଚାବୁକ୍ ଧରି ବସିଛନ୍ତି ବୋଲି ବାର୍ତ୍ତା ଦେଇଛନ୍ତି । ଏମିତି ଏକ ସମୟରେ କଳିକେଶ ବିଜେଡ଼ିର ମଙ୍ଗ ଧରିବାକୁ ଯୋଗ୍ୟ ବୋଲି ଦିବ୍ୟଶଙ୍କର ବଡ଼ ପାଟିରେ କହିଲେ। କଳିକେଶଙ୍କ ଜେଜେଙ୍କ କଥା ମନେପକାଇ ତାଙ୍କର ଯୋଗ୍ୟତାର ବାୟୋଡାଟା ବି ଦେଖାଇଲେ । ପଶ୍ଚିମ ଓଡ଼ିଶାର ନେତାମାନେ ତାଙ୍କୁ ସମର୍ଥନ କରିବେ ବୋଲି କହି ପଶ୍ଚିମ-ଉପକୂଳ ଭିତରେ ଫାଟଟିଏ ବି କରିଦେଲେ । ଯାହାକୁ ଏକ ଦଳ ବିରୋଧୀ କାର୍ଯ୍ୟ କହିଲେ ଭୁଲ୍ ହେବନାହିଁ। ନବୀନ ବାବୁ କାହାକୁ ଶଙ୍ଖ ଭବନର ମାଲିକ କରିବେ, କାହାକୁ ନବୀନ ନିବାସ ଦେବେ ସେଇଟା ତାଙ୍କର ଅଧିକାର। ଇଏ ବାବୁ କିଏ, ଉପରେ ପଡ଼ି ନବୀନଙ୍କୁ ପରାମର୍ଶ ଦେବାକୁ ? ଉପକୂଳର ଅନେକ ଶଙ୍ଖ ନେତା ଚିହିଁକି ଉଠି ଏମିତି ହିଁ କହିବାକୁ ଲାଗିଲେ। ସେପଟେ ଦିବ୍ୟଶଙ୍କରଙ୍କ ପାଳି ଧରି ଦେବେଶ ଆଚାର୍ଯ୍ୟ ପଦୁଟିଏ କହି ଝଡ଼ ସୃଷ୍ଟି କରିଦେଲେ। ଏକଥାକୁ ନେଇ ଏବେବି ବିଜେଡ଼ିରେ ଚର୍ଚ୍ଚା ଚାଲିଛି ।


ଚର୍ଚ୍ଚା ହେବାର କାରଣ ବି ରହିଛି । ନିକଟରେ ନବୀନ ନିବାସ ଆସିଥିଲେ ନବୀନଙ୍କ ଡୁନ୍ ସ୍କୁଲ ବନ୍ଧୁ ଅନଙ୍ଗ ଉଦୟ ସିଂହଦେଓ । ଏମିତି ତ ବନ୍ଧୁ ଏୟୁଙ୍କୁ ଦୀର୍ଘଦିନ ଧରି ନବୀନ ବାବୁ ବାସି ପାଣିରେ ପଚାରୁନଥିଲେ। ହଠାତ୍ ଏୟୁଙ୍କୁ ଘରକୁ ଡାକିବା, ତା'ର କିଛିଦିନ ପରେ ଦିବ୍ୟଶଙ୍କରଙ୍କ କଳିକେଶଙ୍କ ଜୟଗାନକୁ ନେଇ ବିଜେଡ଼ିର ଉପକୂଳିଆ ନେତାମାନେ ଖିଅକୁ ଖିଅ ଯୋଡ଼ିବାରେ ଲାଗିଲେ । କାହିଁକିନା ଦିବ୍ୟଶଙ୍କର ହେଉଛନ୍ତି ନବୀନଙ୍କ ବିଜେଡ଼ି ଗୁରୁକୂଳର ଆଜ୍ଞାଧୀନ ଛାତ୍ର । ଅନୁଭବୀ, ଅଭିଜ୍ଞ, ଫିତା ପକାଇ ମାପିଚୁପି କହିବା ଲୋକ ।

ତାଙ୍କ ତୁଣ୍ଡରୁ ଏମିତି ବାହାରିଗଲାନା, ଏକଥା କହିବାକୁ କିଏ ପ୍ରରୋଚିତ କରିଛି ସେନେଇ ବି ଶଙ୍ଖୁଆମାନେ ଟୁପୁରୁଟାପୁରୁ ହେବାରେ ଲାଗିଛନ୍ତି ।

ଏମିତିବି ଗୋଟିଏ ପଟେ ପ୍ରଣବ ପ୍ରକାଶ ଦାସ ଆଉ ଆରପଟେ ଭିକେ ପାଣ୍ଡିଆନ୍ ନବୀନଙ୍କ ଉତ୍ତରାଧିକାରୀ ହେବାକୁ ଝାଳନାଳ ହୋଇ ପରିଶ୍ରମ କରୁଛନ୍ତି । ତେବେ ଦଳରେ ଥୋକେ ଯାଙ୍କୁ ଚବିଶ ନିର୍ବାଚନର ଭିଲିଆନ୍ କହୁଥିବାରୁ ଦୁହିଁଙ୍କ ମନ ବିରସ ହୋଇଯାଇଛି। ଅପରପକ୍ଷରେ ସଂଗଠନରେ, ଅଭିଜ୍ଞତାରେ, କଥା କହିବାରେ ମାହିର ଅରୁଣ ସାହୁଙ୍କ ପାଇଁ ଦଳେ ବ୍ୟାଟିଂ କରିବା ଆରମ୍ଭ କରିଦେଇଛନ୍ତି। କଳିକେଶଙ୍କ ଉତ୍ତରାଧିକାରୀ ଚର୍ଚ୍ଚା ସମ୍ପର୍କରେ ସାମ୍ବାଦିକମାନେ ପଚାରୁପଚାରୁ ଫଟ୍ କିନା ଅରୁଣ କହିଦେଲେ, ମୁଁ ଦିବ୍ୟଶଙ୍କରଙ୍କ କଥାରେ ଏକମତ ନୁହେଁ। ନବୀନ ବାବୁ ହିଁ ଆମ ନେତା । କଥା ସେତିକିରେ ବି ସରିଲାନି । ସ୍ଥିତି ଏମିତି ହେଲାଯେ, ପ୍ରେସ୍ ମିଟ୍ କରି ଦିବ୍ୟଶଙ୍କର କଥା ବାଆଁରେଇବାକୁ ଚେଷ୍ଟା କଲେ । ସେପଟେ କଳିକେଶ ନବୀନ ନିବାସ ଆସି ନବୀନଙ୍କୁ ବି ଭେଟିବାକୁ ବାଧ ହେଲେ। କଳିକେଶଙ୍କ ଭାଗ୍ୟରେ ଶଙ୍ଖପତି ହେବାର ସୌଭାଗ୍ୟ ଜୁଟୁକି ନଜୁଟୁ ସେ ବି ଯୋଗ୍ୟ ଥିଲେ, ତାଙ୍କୁ ବି ବିଜେଡ଼ି ବିଧାୟକ ନେତା ଚାହୁଁଥିଲେ ବୋଲି ଇତିହାସରେ ତ ପାରାଏ ରହିଗଲା ।



ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA




## ଅରୁଣଙ୍କ 'ପୀଡ଼ା'

ଆଜିକାଲି ନୟାଗଡ଼ିଆ ହିରୋ କେତେବେଳେ ବେହାଲ ବର୍ଷାରେ ଭିଜୁଛନ୍ତି ତ ଆଉ କେବେ ଶୀତୁଆ ସଂଧ୍ୟାରେ ଥରୁଛନ୍ତି । ଆଜିକାଲି ତାଙ୍କର ଭାରି ପୀଡ଼ା । ମଞ୍ଚ ଦରଜ ବି ରହୁଛି । ରହିବନି କେମିତି କହୁନାହାନ୍ତି। ଏକଦା ମୁକୁ ବାବୁ କହୁଥିଲେ, ଓଡ଼ିଶାରେ ମୋର ଦି ଜଣ ପ୍ରତିଦ୍ୱନ୍ଦ୍ୱୀ । ଜଣେ ଅରୁଣ ସାହୁ ଆଉ ଆଉ ଜଣେ ଲୁଲୁ ମହାପାତ୍ର । ଲୁଲୁ ତ ଢ଼େର ଦିନ ହେଲା ଅପସରି ଗଲେଣି। ଅରୁଣ ବି ରାଜ୍ୟ ରାଜନୀତିରେ ଝଟକୁଛନ୍ତି। ହେଲେ ଅରୁଣ ଜାଣିବା ଦରକାର, ନବୀନ ବାବୁ ହେଉଛନ୍ତି ଟ୍ୟାଲେଣ୍ଟ କିଲର । ଟ୍ୟାଲେଣ୍ଟକୁ ସେ ଜମା ସହିପାରିବେନି। ସେଇଥିପାଇଁ ପିଏସିରେ ଟୁକୁନିଙ୍କୁ ପଛେ ରଖିଲେ, ହେଲେ ତାଙ୍କୁ କମିଟିରେ ପୂରେଇ ଦେଲେନି। ନୂଆପଡ଼ାରେ ତାଙ୍କୁ ଗୋଟେ ଜୋନ୍ ଭିତରେ ରଖିଦେଲେ। ପାଞ୍ଚ ସାତ ପଞ୍ଚାୟତ ଭିତରେ ଅରୁଣ ସୀମିତ ରହିଗଲେ। ଏମିତିବି ସେ ଏବେ ପାଣ୍ଡିଆନଙ୍କ କଟ୍ଟର ବିରୋଧୀ ପାଲଟି ଯାଇଛନ୍ତି। ଶୁଣାଯାଉଛି, ଅରୁଣ ତାଙ୍କ ଉପନ୍ୟାସରେ ପାଣ୍ଡିଆନଙ୍କୁ ଇଙ୍ଗିତ କରି ଟୀକା ଟୀପ୍ପଣୀ ଦେଇଛନ୍ତି । ଦଳର ପୀଡ଼ା, ମନର ପୀଡ଼ା କଥା କୁଆଡ଼େ ବଖାଣିଛନ୍ତି । ବହିଟା ଉନ୍ମୋଚନ ହୋଇନଥିବାରୁ ଆମକୁ ଖଣ୍ଡେ ମିଳିପାରିନି । ବହିଟି ମିଳିଗଲା ପରେ ଆର ସଂସ୍କରଣରେ ଆମେ ବି ଟିକେ ସମୀକ୍ଷା କରିବା । ଅରୁଣଙ୍କ କେଉଁ ଯାଗାରେ ପୀଡ଼ା ହେଉଛି ଟିକେ ଦେଖିବା ସହ କୋରିୟରରେ ଆଇଡ଼କ୍ସ, ମୁଭ ଆଉ ଜଡ଼ିବୁଟି ତେଲ ଟିକେ ପଠାଇବୁ ବୋଲି ଭାବୁଛୁ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS